## ଗ୍ରାହକଙ୍କ ସ୍ୱାସ୍ଥ୍ୟ ସହ ଖେଳୁଛନ୍ତି ଅସାଧୁ ବ୍ୟବସାୟୀ

# ମାର୍ଚ୍ଚ ୬ରେ ବିକ୍ରି ହେଉଛି ମାର୍ଚ୍ଚ ୨୯ର ପ୍ୟାକେଟ୍

ତିଗିରିଆ, ୬।୩(ସମିସ)

ତିଗିରିଆ ବ୍ଲକ ଅଧୀନ ବିନ୍ଧାଣିମା ହାଟ ଛକରେ ଜଣେ ଗ୍ରାହକ ଏକ ଏମିତି ଘୋଳ ଦହି ପ୍ୟାକେଟ୍ କିଣିଛନ୍ତି, ଯାହାର ପ୍ରସ୍ତୁତି ତାରିଖ ଦେଖିଲେ ଯେକେହି ବି ଆଶ୍ଚର୍ଯ୍ୟ ହୋଇଯିବେ। ଆଜି ମାର୍ଚ୍ଚ ୬ ତାରିଖରେ ଜଣେ ଯୁବକ ଏକ ପାନ ଦୋକାନରୁ ଦହି ପ୍ୟାକେଟ୍ କିଣି ପିଇବା ସମୟରେ ଦେଖିଥିଲେ ଯେ ସେଥିରେ ପ୍ରସ୍ତୁତି ତାରିଖ ମାର୍ଚ୍ଚ ୨୯ ଲେଖାଯାଇଛି; ଅର୍ଥାତ୍ ଦହିଟି ପ୍ରସ୍ତୁତ ହେବାର ପ୍ରାୟ ୨୩ ଦିନ ପୂର୍ବରୁ ହିଁ ବଜାରରେ ବିକ୍ରି ହେଉଛି। କମ୍ପାନୀର ଏଭଳି ଦାୟିତ୍ୱହୀନତା ଓ ଭୁଲ ତଥ୍ୟ ଗ୍ରାହକଙ୍କୁ କିଭଳି ବିଭ୍ରାନ୍ତ କରୁଛି, ତାହା ଏହି ଘଟଣାରୁ ସ୍ପଷ୍ଟ ଜଣାପଡୁଛି। ଏହି ଦହି ପ୍ୟାକେଟ୍‌ର ପ୍ରକୃତ ପ୍ରସ୍ତୁତି ତାରିଖ କେବେ, ତାହା ଏବେ ଏକ ବଡ଼ ପ୍ରଶ୍ନବାଚୀ। ସାଧାରଣତଃ ଦୁଗ୍ଧଜାତ ଦ୍ରବ୍ୟ ଅଳ୍ପ ଦିନ ମଧ୍ୟରେ ଖରାପ ହୋଇଯାଇଥାଏ। ଯଦି ପୁରୁଣା ବା ବାସି ଦହିକୁ ଆଗୁଆ ତାରିଖ ମାରି ବଜାରକୁ ଛଡ଼ାଯାଉଛି, ତେବେ ଏହାକୁ ସେବନ କରି ଗ୍ରାହକମାନେ ଗୁରୁତର ରୋଗରେ ଆକ୍ରାନ୍ତ ହେବାର ଯଥେଷ୍ଟ ସମ୍ଭାବନା ରହିଛି। ପୂର୍ବରୁ ମଧ୍ୟ ତିଗିରିଆ ଅଞ୍ଚଳରେ ଅପମିଶ୍ରିତ ଓ ବାସି ଖାଦ୍ୟ ବିକ୍ରି ନେଇ ବାରମ୍ବାର ଅଭିଯୋଗ ହୋଇଥିଲେ ହେଁ, କମ୍ପାନୀମାନେ ଲାଭଖୋର ମନୋଭାବ ରଖି ଗ୍ରାହକଙ୍କ ସ୍ୱାସ୍ଥ୍ୟ ସହ ଖେଳ ଖେଳୁଛନ୍ତି। ସ୍ଥାନୀୟ ଯୋଗାଣ ବିଭାଗ ଓ ଖାଦ୍ୟ ସୁରକ୍ଷା ଅଧିକାରୀଙ୍କ ପକ୍ଷରୁ କୌଣସି ଆଖିଦୃଶିଆ ଚଢ଼ଉ କରାଯାଉ ନ ଥିବାରୁ ଅସାଧୁ ବ୍ୟବସାୟୀଙ୍କ ପ୍ରାଦୁର୍ଭାବ ବଢ଼ିବାରେ ଲାଗିଛି। ବିନ୍ଧାଣିମା ହାଟ ଛକର ଏହି ଘଟଣା ସାମ୍ନାକୁ ଆସିବା ପରେ ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏହି ଘଟଣାର ତୁରନ୍ତ ତଦନ୍ତ କରାଯାଇ ସମ୍ପୃକ୍ତ କମ୍ପାନୀ ଓ ବିକ୍ରେତାଙ୍କ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।




**ବଜାରରେ ମିଳୁଛି ୨୩ ଦିନ ପରେ ପ୍ରସ୍ତୁତ ହେବାକୁ ଥିବା ଆଗୁଆ ଘୋଳ ଦହି**

# ରାସ୍ତାରେ ବେଆଇନ ପାର୍କିଂ ଓ ବ୍ୟବସାୟ; ହାଇକୋର୍ଟଙ୍କ କଡ଼ା ଆଭିମୁଖ୍ୟ

● ପୁଲିସ ଓ ମହାନଗର ନିଗମ କର୍ତ୍ତୃପକ୍ଷଙ୍କୁ ପଦକ୍ଷେପ ନେବାକୁ ନିର୍ଦ୍ଦେଶ

କଟକ, ୬।୩(ସମିସ): ସହରର ସଂକୀର୍ଣ୍ଣ ଜନବସତି ଅଞ୍ଚଳରେ ବେଆଇନ ପାର୍କିଂ ଏବଂ ଅନଧିକୃତ ବ୍ୟବସାୟିକ କାର୍ଯ୍ୟକଳାପକୁ ନେଇ ଓଡ଼ିଶା ଉଚ୍ଚ ନ୍ୟାୟାଳୟ କଠୋର ଆଭିମୁଖ୍ୟ ଗ୍ରହଣ କରିଛନ୍ତି। କୌଣସି ବ୍ୟବସାୟିକ ପ୍ରତିଷ୍ଠାନ ନିଜର ବ୍ୟବସାୟ ପାଇଁ ସାଧାରଣ ରାସ୍ତାକୁ ପାର୍କିଂ ବା ଗୋଦାମ ଭାବେ ବ୍ୟବହାର କରିପାରିବେ ନାହିଁ ବୋଲି ହାଇକୋର୍ଟ କହିଛନ୍ତି। କଟକର ହେମରାଜ ଲେନରେ ବେଆଇନ ନିର୍ମାଣ ଏବଂ ଟ୍ରାଫିକ ସମସ୍ୟାକୁ ନେଇ ଦାୟର ଏକ ପିଟିସନର ଶୁଣାଣି କରି ଜଷ୍ଟିସ ଡ. ସଞ୍ଜୀବ କୁମାର ପାଣିଗ୍ରାହୀ ଏପରି ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇଛନ୍ତି। ହେମରାଜ ଲେନରେ ଯେପରି କୌଣସି ଗାଡ଼ି ବେଆଇନ ଭାବେ ପାର୍କିଂ ନ ହୁଏ ତାହା ନିଶ୍ଚିତ କରିବା ସହ ବେଆଇନ ପାର୍କିଂ ହୋଇଥିବା ଗାଡ଼ିକୁ ତୁରନ୍ତ ଜବତ କରିବାକୁ ପୁଲିସ କମିସନରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ। ସେହିଭଳି କଟକ ମହାନଗର ନିଗମ (ସିଏମସି) ଉକ୍ତ ସଂକୀର୍ଣ୍ଣ ରାସ୍ତା ପାର୍ଶ୍ୱରେ ବ୍ୟବସାୟିକ ଉଦ୍ଦେଶ୍ୟରେ ନିର୍ମିତ ସମ୍ପୃକ୍ତ ବିଲଡିଂର ନକ୍ସା, ଏନଓସି ଏବଂ ଅନ୍ୟାନ୍ୟ ବୈଧ କାଗଜପତ୍ରର ଯାଞ୍ଚ କରିବେ। ବୈଧ ଅନୁମତି ବା ନିୟମ ଉଲ୍ଲଙ୍ଘନ କରି ଚାଲୁଥିବା ବ୍ୟବସାୟିକ କାର୍ଯ୍ୟକଳାପକୁ ବନ୍ଦ କରିବାକୁ କୁହାଯାଇଛି। ସେହିଭଳି ସ୍ଥାନୀୟ ଅଞ୍ଚଳରେ ଡ୍ରେନେଜ ଓ ଅଳିଆ ସଫା ରଖିବା ପାଇଁ ସିଏମସିକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ସମସ୍ତ ନିର୍ଦ୍ଦେଶର କାର୍ଯ୍ୟକାରିତା ଉପରେ ଏକ ଅନୁପାଳନ ରିପୋର୍ଟ ୧୨ ସପ୍ତାହ ମଧ୍ୟରେ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ଅଦାଲତ। ଏହି ରାୟ କେବଳ ଏହି ମାମଲା ପାଇଁ ନୁହେଁ, ବରଂ ଅନ୍ୟ ଅଞ୍ଚଳ ପାଇଁ ମଧ୍ୟ ଏକ ଉଦାହରଣ ହେବା ଉଚିତ ବୋଲି କୋର୍ଟ ପ୍ରକାଶ କରିଛନ୍ତି। ହେମରାଜ ଲେନର ବାସିନ୍ଦା ସଜ୍ଜନ କୁମାର ମୋଦୀ ଏବଂ ଅନ୍ୟମାନେ ଅଭିଯୋଗ କରିଥିଲେ ଯେ ଏକ ସଂକୀର୍ଣ୍ଣ ୧୩ ଫୁଟ ଓସାର ରାସ୍ତା କଡ଼ରେ ଥିବା ଏକ ବିଲଡିଂରେ ବିନା ପାର୍କିଂ ସୁବିଧାରେ ବହୁସଂଖ୍ୟକ ଦୋକାନ ଚାଲିବା ଯୋଗୁଁ ସେଠାରେ ପ୍ରବଳ ଟ୍ରାଫିକ ଜାମ ହେଉଛି। ଏହାଦ୍ୱାରା ସ୍ଥାନୀୟ ବାସିନ୍ଦାଙ୍କ ଚଳପ୍ରଚଳ ଓ ଜୀବନଧାରଣର ଅଧିକାର କ୍ଷୁଣ୍ଣ ହେଉଥିବା ସେମାନେ ଦର୍ଶାଇଥିଲେ। ଆବେଦନକାରୀଙ୍କ ତରଫରୁ ବରିଷ୍ଠ ଆଇନଜୀବୀ ଗୌତମ କୁମାର ଆଚାର୍ଯ୍ୟ ମାମଲା ପରିଚାଳନା କରୁଥିଲେ।

# ଆଠଗଡ଼ ଉପକଣ୍ଠରେ ଦନ୍ତା ହାତୀ

● ସହରବାସୀ ଆତଙ୍କିତ, ବନ ବିଭାଗର ସତର୍କ ନଜର

ଆଠଗଡ଼, ୬।୩(ସମିସ): ଆଠଗଡ଼ ସହରଠାରୁ ମାତ୍ର କିଛି ଶହ ମିଟର ଦୂରରେ ଥିବା ନୂଆଗଡ଼ ମୁଣ୍ଡିଆରେ ଆଜି ସକାଳୁ ଏକ ଗୋଟିକିଆ ଦନ୍ତା ହାତୀ ଦେଖାଯିବା ପରେ ସହରବାସୀଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି ହୋଇଛି। ହାତୀଟି ଯେକୌଣସି ସମୟରେ ଜନବସତି ମଧ୍ୟକୁ ପଶିଯିବାର ଆଶଙ୍କା ଥିବାରୁ ବନ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ସତର୍କତା ମୂଳକ ପଦକ୍ଷେପ ସ୍ୱରୂପ ବନ ବିଭାଗ ଡାକବାଜି ଯନ୍ତ୍ର ସାହାଯ୍ୟରେ ଲୋକଙ୍କୁ ସଚେତନ କରୁଛି ଏବଂ ମୁଣ୍ଡିଆ ନିକଟକୁ ନ ଯିବା ପାଇଁ ପରାମର୍ଶ ଦେଇଛି। ବନ ବିଭାଗର ସୂଚନା ଅନୁଯାୟୀ, ୭ରୁ ୧୦ ବର୍ଷ ବୟସର ଏହି ଦନ୍ତା ହାତୀଟି ଫୁଲବାଡ଼ି ସଂରକ୍ଷିତ ଜଙ୍ଗଲରୁ ବାଟବଣା ହୋଇ ଏଠାକୁ ଚାଲିଆସିଛି। ଆଠଗଡ଼ ସହକାରୀ ବନ ସଂରକ୍ଷକ ଡ. ଚିଟିଲିଚି ବିଶ୍ୱାଳ କହିଛନ୍ତି ଯେ ହାତୀଟିର ଗତିବିଧି ଉପରେ କଡ଼ା ନଜର ରଖାଯାଇଛି। ଜନଗହଳି କମିବା ପରେ ରାତି ସମୟରେ ହାତୀଟିକୁ ପୁଣି ସଂରକ୍ଷିତ ଜଙ୍ଗଲକୁ ଘଉଡ଼ାଇଦେବା ପାଇଁ ଯୋଜନା କରାଯାଇଛି। ଏଥିପାଇଁ ବନ ବିଭାଗର କର୍ମଚାରୀ ସମ୍ପୂର୍ଣ୍ଣ ସଜାଗ ରହିଛନ୍ତି ଏବଂ ଜନସାଧାରଣଙ୍କୁ ଆତଙ୍କିତ ନ ହେବା ପାଇଁ ନିବେଦନ କରାଯାଇଛି।




# କଟକ ବଡ଼ ମେଡିକାଲରୁ ଯୁବକ ନିଖୋଜ

ନିଶ୍ଚିନ୍ତକୋଇଲି, ୬।୩ (ସମିସ): ନେମାଳ ଥାନା ଅଧୀନ ଜମରା ଗ୍ରାମର ସୁଶୀଳ କୁମାର ସ୍ୱାଇଁ (୪୧) ନାମକ ଜଣେ ଯୁବକ କଟକ ବଡ଼ ଡାକ୍ତରଖାନାକୁ ଚିକିତ୍ସା ପାଇଁ ଯାଇ ନିଖୋଜ ହୋଇଥିବା ଅଭିଯୋଗ ହୋଇଛି। ଗତ ମଙ୍ଗଳବାର ସୁଶୀଳ ଘରୁ ବାହାରିଥିବା ବେଳେ ଏକ ଦୁର୍ଘଟଣାର ଶିକାର ହୋଇ ୧୦୮ ଆମ୍ବୁଲାନ୍ସ ଯୋଗେ କଟକ ଏସସିବି ମେଡିକାଲକୁ ଯାଇଥିଲେ। ସେଠାରେ କାଜୁଆଲଟି ବିଭାଗରେ ଚିକିତ୍ସିତ ହେବା ପରେ ତାଙ୍କୁ ଡିସଚାର୍ଜ କରାଯାଇଥିଲା, ମାତ୍ର ସେବେଠାରୁ ତାଙ୍କର କୌଣସି ପତ୍ତା ମିଳୁନାହିଁ। ସୁଶୀଳଙ୍କ ସନ୍ଧାନ ନ ମିଳିବାରୁ ପରିବାର ଲୋକେ ବ୍ୟସ୍ତବିବ୍ରତ ହୋଇପଡ଼ିଛନ୍ତି। ତାଙ୍କ ଦାଦା ବିଜୟ କୁମାର ସ୍ୱାଇଁ ଏହି ନିଖୋଜ ସମ୍ପର୍କରେ କଟକ ମଙ୍ଗଳାବାଗ ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ପୁଲିସ ଅଭିଯୋଗ ଆଧାରରେ ବିଭିନ୍ନ ସ୍ଥାନରେ ସୁଶୀଳଙ୍କୁ ଖୋଜାଖୋଜି କରୁଛି।



# ପୂର୍ବତନ ସରପଞ୍ଚଙ୍କ ପରଲୋକ

ତିଗିରିଆ, ୬।୩(ସମିସ): ତିଗିରିଆ ବ୍ଲକ ଅଧୀନ ଅଚଳକୋଟ ଗ୍ରାମପଞ୍ଚାୟତର ପୂର୍ବତନ ସରପଞ୍ଚ ଜଗନ୍ନାଥ ନାୟକ (୯୧)ଙ୍କର ଶୁକ୍ରବାର ପୂର୍ବାହ୍ନରେ ପରଲୋକ ହୋଇଯାଇଛି। ସେ ଜଣେ ରାଜନୀତିଜ୍ଞ, ସମାଜସେବୀ, ପରୋପକାରୀ, ମିଷ୍ଟଭାଷୀ ତଥା ଶାନ୍ତ ସରଳ ମଣିଷ ଥିଲେ। ତାଙ୍କ ଦେହାନ୍ତ ଖବର ଶୁଣି ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ୧୯୭୫ ମସିହାଠାରୁ ୧୯୮୯ ପର୍ଯ୍ୟନ୍ତ ଦୀର୍ଘ ୧୪ ବର୍ଷ ଧରି ଅବିଭକ୍ତ ଭିରୁଡା ପଞ୍ଚାୟତର ସରପଞ୍ଚ ଭାବେ ନିର୍ବାଚିତ ହୋଇ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟକ୍ରମ ହାତକୁ ନେଇଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରକାଶିତ ହେବା ପରେ ବହୁ ଦୂରଦୁରାନ୍ତରୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ଅଚଳକୋଟସ୍ଥିତ ବାସଭବନକୁ ଆସି ଶେଷ ଦର୍ଶନ କରିଥିଲେ। ମଧ୍ୟାହ୍ନରେ ତାଙ୍କ ମରଶରୀରକୁ ଏକ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇ ଗ୍ରାମ ଶ୍ମଶାନରେ ଅନ୍ତ୍ୟୋଷ୍ଟିକ୍ରିୟା ସମ୍ପାଦନ କରାଯାଇଥିଲା। ଜ୍ୟେଷ୍ଠ ପୁତ୍ର ସୁଧାଂଶୁ ଭୂଷଣ ସଂଗ୍ରାମ ସିଂ ଚିତାଗ୍ନି ପ୍ରଦାନ କରିଥିଲେ।



# ଦିନଦ୍ୱିପ୍ରହରରେ ଆକ୍ରମଣ, ଦୋକାନରୁ ଲୁଟ୍

ନିଶ୍ଚିନ୍ତକୋଇଲି, ୬।୩(ସମିସ): କଟକ-ଚାନ୍ଦବାଲି ରାସ୍ତାର ପଣସପଡ଼ିଆ ନିକଟରେ ଥିବା 'ପାଟେଶ୍ୱରୀ ଟ୍ରେଡର୍ସ' ନାମକ ଏକ ସିମେଣ୍ଟ ଓ ରଡ୍ ଦୋକାନରେ ପଶି ଦୁର୍ବୃତ୍ତମାନେ ବ୍ୟାପକ ଲୁଟ୍‌ତରାଜ କରିବା ସହ ବ୍ୟବସାୟୀଙ୍କୁ ଗୁରୁତର ଆହତ କରିଛନ୍ତି। ଶୁକ୍ରବାର ପୂର୍ବାହ୍ନ ପ୍ରାୟ ୧୦ଟାରୁ ୧୧ଟା ମଧ୍ୟରେ ଏକ ବୋଲେରୋ ଗାଡ଼ିରେ ୫ ଜଣ ଦୁର୍ବୃତ୍ତ ଆସି ଦୋକାନ ସମ୍ମୁଖରେ ଅଟକିଥିଲେ। ସେଥିମଧ୍ୟରୁ ୩ ଜଣ ଦୋକାନ ଭିତରକୁ ପଶି ବନ୍ଧୁକ ଓ ମାରଣାସ୍ତ୍ର ଦେଖାଇ ପ୍ରୋପାଇଟର ଅଜୟ କୁମାର ସ୍ୱାଇଁଙ୍କଠାରୁ ନଗଦ ୩୬ ହଜାର ଟଙ୍କା ଓ ଏକ ସୁନା ଚେନ୍ ଲୁଟି ନେଇଥିଲେ। ବ୍ୟବସାୟୀ ଜଣକ ଏହାର ପ୍ରତିବାଦ କରିବାରୁ ଦୁର୍ବୃତ୍ତମାନେ ତାଙ୍କ ମୁଣ୍ଡକୁ ମାରଣାସ୍ତ୍ରରେ ଆକ୍ରମଣ କରି କ୍ଷତବିକ୍ଷତ କରିଦେଇଥିଲେ। ସ୍ଥାନୀୟ ଲୋକେ ପହଞ୍ଚିବା ପୂର୍ବରୁ ଲୁଟେରାମାନେ ଘଟଣାସ୍ଥଳରୁ ବୋଲେରୋ ନେଇ ଚମ୍ପଟ ମାରିଥିଲେ। ଗୁରୁତର ବ୍ୟବସାୟୀ ଶ୍ରୀ ସ୍ୱାଇଁଙ୍କୁ ପ୍ରଥମେ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ପରେ ଅବସ୍ଥା ସଙ୍କଟାପନ୍ନ ହେବାରୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ପାର୍ଶ୍ୱବର୍ତ୍ତୀ ଦୋକାନରେ ଲାଗିଥିବା ସିସିଟିଭି ଫୁଟେଜ୍ ଆଧାରରେ ତଦନ୍ତ ଆରମ୍ଭ କରିଛି। ଲୁଟେରାମାନଙ୍କୁ ଧରିବା ପାଇଁ ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଥିବା ବେଳେ ଖୁବ୍ ଶୀଘ୍ର ସେମାନେ ଧରାପଡ଼ିବେ ବୋଲି ଆଇଆଇସି ଅନୀତା ସାହୁ ସୂଚନା ଦେଇଛନ୍ତି।




# ଘରୁ ଅଳଙ୍କାର ଓ ଟଙ୍କା ଚୋରି ଅଭିଯୋଗ

ନିଶ୍ଚିନ୍ତକୋଇଲି, ୬।୩(ସମିସ): କିଶନନଗର ଥାନା ଅଧୀନ ବାବୁଜଙ୍ଗ ପଞ୍ଚାୟତ ଭୂୟାଁସାହିରେ ଗତ ଗୁରୁବାର ଏକ ବନ୍ଦ ଘରୁ ଚୋରି ଘଟଣା ଘଟିଛି। ସ୍ଥାନୀୟ ବାସିନ୍ଦା ମନ୍ମଥ ଭୂୟାଁଙ୍କ ପରିବାର ଘରେ ଅନୁପସ୍ଥିତ ଥିବାର ସୁଯୋଗ ନେଇ ଦୁର୍ବୃତ୍ତମାନେ ଝରକା ତାଡ଼ି ଘର ଭିତରେ ପଶିଥିଲେ। ଚୋରମାନେ ପ୍ରାୟ ୪ଟି ରୁମ୍‌ର କବାଟ ଭାଙ୍ଗିବା ସହ ଗଡ଼ରେଜ୍ ଆଲମିରା ମଧ୍ୟରେ ଥିବା ଲକ୍ଷାଧିକ ଟଙ୍କା ମୂଲ୍ୟର ସ୍ୱର୍ଣ୍ଣ ଅଳଙ୍କାର, ପିତଳ ବାସନକୁସନ ଏବଂ ନଗଦ ୮ ହଜାର ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଛି। ଘରର ଝରକା ତଡ଼ା ଯାଇଥିବା ଦେଖି ପଡ଼ୋଶୀମାନେ ପରିବାର ଲୋକଙ୍କୁ ସୂଚନା ଦେବା ପରେ ଏହି ଘଟଣା ପଦାକୁ ଆସିଥିଲା। ଏହି ଘଟଣା ସମ୍ପର୍କରେ ମନ୍ମଥ ଭୂୟାଁ କିଶନନଗର ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ପୁଲିସ ଅଭିଯୋଗକୁ ଭିତ୍ତି କରି ଏକ ମାମଲା ରୁଜୁ କରିବା ସହ ଘଟଣାସ୍ଥଳରେ ପହଞ୍ଚି ପ୍ରାଥମିକ ତଦନ୍ତ ଆରମ୍ଭ କରିଛି। ସନ୍ଧାନୀ କୁକୁର କିମ୍ବା ସାଇଣ୍ଟିଫିକ୍ ଟିମ୍ ସହାୟତାରେ ଲୁଟେରାଙ୍କୁ ଧରିବା ପାଇଁ ପୁଲିସ ଯୋଜନା କରୁଥିବା ବେଳେ ଏ ପର୍ଯ୍ୟନ୍ତ କାହାରିକୁ ଗିରଫ କରାଯାଇନାହିଁ। ବାରମ୍ବାର ଏଭଳି ଚୋରି ଘଟଣା ଘଟୁଥିବାରୁ ସ୍ଥାନୀୟ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।



# ଆଠଗଡ଼ରେ ୧୧୦ତମ ବିଜୁ ଜୟନ୍ତୀ

ଆଠଗଡ଼, ୬।୩(ସମିସ): ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୧୧୦ତମ ଜୟନ୍ତୀ ଅବସରରେ ଆଠଗଡ଼ ବିଜୁ ଯୁବ-ଛାତ୍ର ଜନତା ଦଳ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସକାଳୁ ଦଳୀୟ କାର୍ଯ୍ୟାଳୟ 'ସୂର୍ଯ୍ୟଭବନ', ଖୁଣ୍ଟୁଣୀସ୍ଥିତ କାର୍ଯ୍ୟାଳୟ ଏବଂ ବିଜୁ ପଟ୍ଟନାୟକ ଶିଶୁ ଉଦ୍ୟାନରେ ଥିବା ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବ୍ଲକ ବିଜେଡି ସଭାପତି ରବୀନ୍ଦ୍ରନାଥ ରାଉତ, ଜିଲ୍ଲା ଉପସଭାପତି ନୃସିଂହ ମହାପାତ୍ର ଏବଂ ଏନ୍ଏସି ଅଧ୍ୟକ୍ଷା ସସ୍ମିତା ରାଉତ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଅବସରରେ ସ୍ଥାନୀୟ ଉପଖଣ୍ଡ ଚିକିତ୍ସାଳୟର ରୋଗୀଙ୍କୁ ଫଳମୂଳ ଓ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା। ସନ୍ଧ୍ୟାରେ ପୁରୁଣା ବସଷ୍ଟାଣ୍ଡସ୍ଥିତ ସପନେଶ୍ୱର ବଜାରଠାରେ ଏକ ପଥପ୍ରାନ୍ତ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ବିଜୁ ବାବୁଙ୍କ ସମ୍ପର୍କରେ ଆଲୋକପାତ କରିଥିଲେ। ସହର ବିଜେଡି ସଭାପତି ଶିଶିର ପ୍ରସାଦ ମାନସିଂହଙ୍କ ସମେତ ବହୁ ଯୁବ ଓ ଛାତ୍ର ନେତା ଏହି ସ୍ମୃତିସଭାରେ ସାମିଲ ହୋଇଥିଲେ।



# ଯୋଡମୁଁ ଥାନା କାର୍ଯ୍ୟାଳୟ ଉଦ୍‌ଘାଟିତ

ନରସିଂହପୁର, ୬।୩(ସମିସ): ନରସିଂହପୁର ବ୍ଲକର ପଶ୍ଚିମାଞ୍ଚଳରେ ଅବସ୍ଥିତ ନୂତନ ଯୋଡମୁଁ ଥାନା ଶୁକ୍ରବାର ଉଦଘାଟିତ ହୋଇଯାଇଛି। କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା ଭିଡ଼ିଓ କନ୍‌ଫରେନ୍ସିଂ ମାଧ୍ୟମରେ ଏହାର ଉଦଘାଟନ କରିଥିବା ବେଳେ ଯୋଡମୁଁ ଥାନା କାର୍ଯ୍ୟାଳୟ ପରିସରରେ ନରସିଂହପୁର ତହସିଲଦାର ଅମ୍ରିତା ସାହୁ ନୂତନ ଭବନର ଶୁଭାରମ୍ଭ କରିଥିଲେ। ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ପ୍ରଦୀପ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଆଠଗଡ଼ ଏସ୍‌ଡିପିଓ ବିଶ୍ୱଜିତ ମହାନ୍ତି, ନରସିଂହପୁର ଥାନା ଅଧିକାରୀ ତପନ ପତି ଏବଂ ଯୋଡମୁଁ ଥାନାର ପ୍ରଥମ ଅଧିକାରୀ ଦିଲ୍ଲୀପ କାଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ। ଏହି ନୂତନ ଥାନା ପ୍ରତିଷ୍ଠା ହେବା ଫଳରେ ବାଲିସାହି ପଞ୍ଚାୟତଠାରୁ ଆରମ୍ଭ କରି କାମଳାଡ଼ିହ ପଞ୍ଚାୟତ ପର୍ଯ୍ୟନ୍ତ ବ୍ୟାପକ ଅଞ୍ଚଳର ଜନସାଧାରଣଙ୍କୁ ପୁଲିସ ସେବା ଯୋଗାଇବାରେ ସହଜ ହେବ।



# ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପକାଇଲେ ଲୋକେ

● ପୁଲିସ ଦ୍ୱାରା ୩ ଅଟକ ବ୍ୟକ୍ତି ଉଦ୍ଧାର

ଭଦ୍ରେଶ୍ୱର, ୬।୩(ସମିସ): ମାହାଙ୍ଗା ବ୍ଲକ ଉମର ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ଆଜି ଏକ ଉତ୍ତେଜନାପୂର୍ଣ୍ଣ ପରିସ୍ଥିତି ସୃଷ୍ଟି ହୋଇଛି। ସେଠାରେ ବ୍ୟାପକ ଅସାମାଜିକ ତଥା ବେନିୟମ କାର୍ଯ୍ୟ ଚାଲୁଥିବା ଅଭିଯୋଗ କରି ସ୍ଥାନୀୟ ଲୋକେ କାର୍ଯ୍ୟାଳୟର ମୁଖ୍ୟ ଫାଟକରେ ତାଲା ପକାଇ ଦେଇଥିଲେ। ଏହି ସମୟରେ କାର୍ଯ୍ୟାଳୟ ମଧ୍ୟରେ ଥିବା ୩ଜଣ ବ୍ୟକ୍ତିଙ୍କୁ ଗ୍ରାମବାସୀ ଅଟକ ରଖିଥିଲେ। ଖବର ପାଇ ଭଦ୍ରେଶ୍ୱର ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଅଟକ ଥିବା ୩ଜଣ ବ୍ୟକ୍ତିଙ୍କୁ ଉଦ୍ଧାର କରିବା ସହ ପରିସ୍ଥିତିକୁ ନିୟନ୍ତ୍ରଣ କରିଛି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, ଦୀର୍ଘ ଦିନ ହେବ ପଞ୍ଚାୟତ କାର୍ଯ୍ୟାଳୟରେ ଆପତ୍ତିଜନକ କାର୍ଯ୍ୟକଳାପ ଚାଲିଆସୁଥିଲା, ଯାହାକୁ ସେମାନେ ବିରୋଧ କରିଆସୁଥିଲେ। ଆଜି କିଛି ବ୍ୟକ୍ତି କାର୍ଯ୍ୟାଳୟ ପରିସରରେ ଅନୈତିକ କାର୍ଯ୍ୟରେ ଲିପ୍ତ ଥିବା ଦେଖି ଉତ୍ତ୍ୟକ୍ତ ଲୋକେ ଏଭଳି ପଦକ୍ଷେପ ଗ୍ରହଣ କରିଥିଲେ। ପ୍ରଶାସନ ପକ୍ଷରୁ ଏହାର ନିରପେକ୍ଷ ତଦନ୍ତ କରାଗଲେ ପଞ୍ଚାୟତ କାର୍ଯ୍ୟାଳୟରେ ଚାଲିଥିବା ଅନେକ ଲୁକ୍କାୟିତ ତଥ୍ୟ ପଦାକୁ ଆସିପାରନ୍ତା ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

# ଦୁର୍ଘଟଣାରେ ମହିଳା ଗୁରୁତର

କଟକ, ୬।୩(ସମିସ): ଫେଜ୍-୨ ଥାନା ଅନ୍ତର୍ଗତ ରେଭେନ୍ସା ଦ୍ୱିତୀୟ କ୍ୟାମ୍ପସ୍ ପ୍ରବେଶ ପଥରେ ଏକ ଅଟୋ ଦ୍ରୁତଗତିରେ ଯାଉଥିବା ବେଳେ ସାମ୍ନା ପଟୁ ସ୍କୁଟିରେ ଆସୁଥିବା ଜଣେ ମହିଳାଙ୍କୁ ଧକ୍କା ଦେଇଥିଲା। ତାଙ୍କ ମୁଣ୍ଡରେ ହେଲମେଟ୍ ନଥିବାରୁ ରାସ୍ତା କଡ଼ କଂକ୍ରିଟ୍‌ରେ ମାଡ଼ ହୋଇ ପ୍ରବଳ ରକ୍ତସ୍ରାବ ହୋଇଥିଲା। କିଛି ପଥଚାରୀ ତାଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଏସ୍‌ସିବି ପଠାଇଥିବା ବେଳେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବା ଜଣାପଡ଼ିଛି। ଆଜି ଅପରାହ୍ଣ ୩ଟାରେ ନରାଜ ପଟୁ ଜୁଡ଼ିସିଆଲ ଏକାଡେମୀ ଛକ ଆଡକୁ ଦ୍ରୁତଗତିରେ ଏକ ମାଲବାହୀ ଅଟୋ ଯାଉଥିଲା। ସିଡିଏ ସେକ୍ଟର-୧୧ରୁ ମହିଳା ଜଣକ କୌଣସି ଏକ କାର୍ଯ୍ୟରେ ମୁଣ୍ଡଳି ଯାଉଥିବା ବେଳେ ରେଭେନ୍ସା ଦ୍ୱିତୀୟ କ୍ୟାମ୍ପସ୍ ପ୍ରବେଶ ଦ୍ୱାର ସମ୍ମୁଖସ୍ଥ ରାସ୍ତାରେ ଦୁର୍ଘଟଣାର ଶିକାର ହୋଇଥିଲେ। ମହିଳାଙ୍କୁ ଧକ୍କା ଦେଇ ଅଟୋ ଚାଳକ ଗାଡ଼ି ନେଇ ଫେରାର୍ ହୋଇଯାଇଥିଲା। ଘଟଣାସ୍ଥଳରେ ଆହତ ମହିଳାଙ୍କ ସ୍କୁଟି ପଡ଼ି ରହିଥିଲା। ପୁଲିସ ପହଞ୍ଚିବା ବେଳେ ପଥଚାରୀମାନେ ଦୁର୍ଘଟଣାର ଶିକାର ହୋଇଥିବା ମହିଳାଙ୍କୁ ମେଡିକାଲ ପଠାଇ ସାରିଥିଲେ।

# ଉତ୍କଳ ସାହିତ୍ୟ ସମାଜ ନୂତନ କର୍ମକର୍ତ୍ତାଙ୍କ ଶପଥ ଗ୍ରହଣ

କଟକ, ୬।୩(ସମିସ): ଓଡ଼ିଶାର ଅନ୍ୟତମ ପ୍ରାଚୀନ ସାହିତ୍ୟ ଅନୁଷ୍ଠାନ 'ଉତ୍କଳ ସାହିତ୍ୟ ସମାଜ'ର ମନୋନୀତ ଉପସଭାପତି ଓ କାର୍ଯ୍ୟନିର୍ବାହିକା ସମିତି ସଭ୍ୟମାନଙ୍କ ସଂକଳ୍ପ ପାଠ ଉତ୍ସବ ଗୁରୁବାର ସନ୍ଧ୍ୟାରେ ଅନୁଷ୍ଠାନର ଶତାବ୍ଦୀ ଭବନରେ ସମ୍ପନ୍ନ ହୋଇଯାଇଛି। ସଭାପତି ଡ. ଗୋବିନ୍ଦଚନ୍ଦ୍ର ଚାନ୍ଦ ନୂତନ ଭାବେ ମନୋନୀତ ହୋଇଥିବା ସମସ୍ତ କର୍ମକର୍ତ୍ତାଙ୍କୁ ଶପଥ ପାଠ କରାଇଥିଲେ। ଏହି ଉତ୍ସବରେ ମୟୂରଭଞ୍ଜର ଡ. ରମାକାନ୍ତ ସିଂହ ଓ ରାୟଗଡ଼ାର ସୁଶାନ୍ତ ନାୟକ ମନୋନୀତ ଉପସଭାପତି ଭାବେ ଶପଥ ଗ୍ରହଣ କରିଥିଲେ। ସେହିପରି କଟକର ଶିବାଶିଷ କର ଓ ସୁବର୍ଣ୍ଣପୁରର ଡ. ଆର୍ଯ୍ୟକୁମାର ହର୍ଷବର୍ଦ୍ଧନ କାର୍ଯ୍ୟନିର୍ବାହିକା ସମିତି ସଭ୍ୟ ଭାବେ ନିଜର ଦାୟିତ୍ୱ ଗ୍ରହଣ କରିଛନ୍ତି। ସାଧାରଣ ସମ୍ପାଦକ ରାଜୀବ ଷଡ଼ଙ୍ଗୀ କାର୍ଯ୍ୟକ୍ରମର ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ଉପସଭାପତି ବ୍ରହ୍ମାନନ୍ଦ ବିଶ୍ୱାଳ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ପାଠାଗାର ସମ୍ପାଦକ ବ୍ରହ୍ମାନନ୍ଦ ମହାନ୍ତି, କୋଷାଧ୍ୟକ୍ଷ ଦିଲ୍ଲୀପ ଦାସ ଏବଂ କାର୍ଯ୍ୟନିର୍ବାହିକା ସମିତିର ଅନ୍ୟାନ୍ୟ ସଦସ୍ୟ ନୂତନ କର୍ମକର୍ତ୍ତାଙ୍କୁ ସ୍ୱାଗତ କରିଥିଲେ।

# ବଡ଼ଭାଇର ଟେଣ୍ଟା ମାଡ଼ ଘଟଣା: ପୁଲିସର କାର୍ଯ୍ୟାନୁଷ୍ଠାନ ଶୂନ

ନିଶ୍ଚିନ୍ତକୋଇଲି, ୬।୩(ସମିସ): ନେମାଳ ଥାନା ଅଧୀନସ୍ଥ ଦେବରାଳ ଗ୍ରାମରେ ଗତ ୩ ତାରିଖରେ ଘଟିଥିବା ଏକ ରକ୍ତାକ୍ତ ସଂଘର୍ଷରେ ଜଣେ ବ୍ୟକ୍ତି ଗୁରୁତର ହୋଇଛନ୍ତି। ପୋଷା କୁକୁରକୁ ମାଡ଼ ମାରିବା ଭଳି ଏକ ସାମାନ୍ୟ ଘଟଣାରୁ ଏହି ବିବାଦ ଆରମ୍ଭ ହୋଇ ଶେଷରେ ଜୀବନ ନେବା ଭଳି ପରିସ୍ଥିତି ସୃଷ୍ଟି କରିଛି। ସୂଚନା ଅନୁଯାୟୀ, ସାନଭାଇ ରାଜକିଶୋର ଦାସ, ବଡ଼ଭାଇ ବ୍ରଜକିଶୋରଙ୍କ ଝିଅର ଏକ ପୋଷା କୁକୁରକୁ ବାଡ଼େଇଥିଲେ। ଏହାର ପ୍ରତିବାଦ କରିବାରୁ ରାଜକିଶୋର ଝିଅ ଇତିଶ୍ରୀଙ୍କୁ ମଧ୍ୟ ମାଡ଼ ମାରିଥିଲେ। ଏଥିରେ ଉତ୍କ୍ଷିପ୍ତ ହୋଇ ବଡ଼ଭାଇ ବ୍ରଜକିଶୋର ଏକ ଟେଣ୍ଟାରେ ରାଜକିଶୋରଙ୍କ ଛାତିକୁ ଭୁଷି ଦେଇଥିଲେ। ଗୁରୁତର ରାଜକିଶୋର ଏବେ କଟକ ବଡ଼ ମେଡିକାଲରେ ଚିକିତ୍ସାଧୀନ ଅଛନ୍ତି। ଏହି ଘଟଣାକୁ ନେଇ ରାଜକିଶୋରଙ୍କ ପତ୍ନୀ ଝରଣା ଦାସ ନେମାଳ ଥାନାରେ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବା ସେ ଅଭିଯୋଗ କରିଛନ୍ତି। ଅପରପକ୍ଷରେ, ଥାନା ଅଧିକାରୀଙ୍କ ସୂଚନା ଅନୁଯାୟୀ, ପୁଲିସ ଏକ ମାମଲା (୬୪/୨୦୨୬) ରୁଜୁ କରି ତଦନ୍ତ ଜାରି ରଖିଛି। କେବଳ କୁକୁରକୁ ମାଡ଼ ମାରିବା ନା ଏହା ପଛରେ କୌଣସି ପୂର୍ବ ଶତ୍ରୁତା ରହିଛି, ସେନେଇ ସାଧାରଣରେ ସନ୍ଦେହ ପ୍ରକାଶ ପାଇଛି। ଅଭିଯୁକ୍ତଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

# ସ୍ମାର୍ଟ ମିଟରକୁ ବିରୋଧ କରି ଟିପିସିଓଡିଏଲ୍ କାର୍ଯ୍ୟାଳୟରେ ତାଲା

ସାଲେପୁର, ୬।୩(ସମିସ)

ବିଦ୍ୟୁତ୍ ଉପଭୋକ୍ତାମାନଙ୍କ ଘରେ ସ୍ମାର୍ଟ ମିଟର ନ ଲଗାଇବା ପାଇଁ ସାଲେପୁର ଡିଭିଜନ୍ ଅନ୍ତର୍ଗତ ବିଦ୍ୟୁତ୍ ଉପଭୋକ୍ତା ସଂଘ ବାରମ୍ବାର ଦାବି କରିଆସୁଥିଲେ ମଧ୍ୟ ଟିପିସିଓଡିଏଲ୍‌ର ଅଧିକାରୀମାନେ ଖାଲି ମିଥ୍ୟା ପ୍ରତିଶ୍ରୁତି ଦେଇ ସେପଟେ କର୍ମଚାରୀଙ୍କୁ ପଠାଇ ଜୋରଜବରଦସ୍ତ ବିଦ୍ୟୁତ୍ ଉପଭୋକ୍ତାଙ୍କ ଘରେ ସ୍ମାର୍ଟ ମିଟର ବସାଉଛନ୍ତି। ଏନେଇ ଆଜି ସାଲେପୁର ଉପଭୋକ୍ତା ସଂଘ ପକ୍ଷରୁ ଟିପିସିଓଡିଏଲ୍ କାର୍ଯ୍ୟାଳୟ ମୁଖ୍ୟ ଫାଟକରେ ତାଲା ପକାଇବା ସହ ପ୍ରତିବାଦ ଜଣାଇଥିଲେ। ସାଲେପୁର ଆଇଆଇସି ମହେଶ୍ୱର ବେହେରା ଓ ଟିପିସିଓଡିଏଲ୍ ଅଧିକାରୀମାନେ ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରି ଏହାର ସମାଧାନ ପାଇଁ ଗୋଟିଏ ଦିନ ସମୟ ନେଇଥିବାରୁ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ପ୍ରକାଶ ଯେ ଟିପିସିଓଡିଏଲ୍ କମ୍ପାନୀ ବିଦ୍ୟୁତ୍ ଗ୍ରାହକମାନଙ୍କୁ ବିଭିନ୍ନ ଉପାୟରେ ଶୋଷଣ କରି ଚାଲିଥିଲାବେଳେ ଏବେ ଗ୍ରାହକମାନଙ୍କର ମିଟର ଠିକ୍ ଥିଲେ ମଧ୍ୟ ମିଟର ଖରାପ ଆଳ ଦେଖାଇ ଜୋରଜବରଦସ୍ତ ସ୍ମାର୍ଟ ମିଟର ଲଗାଉଛନ୍ତି। ଏହାକୁ ସାଲେପୁର ବିଦ୍ୟୁତ୍ ଉପଭୋକ୍ତା ସଂଘ ପକ୍ଷରୁ ବାରମ୍ବାର ପ୍ରତିବାଦ କରାଯାଇଥିଲେ ମଧ୍ୟ ସାଲେପୁରରେ କାର୍ଯ୍ୟରତ ବିଦ୍ୟୁତ୍ ବିଭାଗର ଅଧିକାରୀମାନେ କୌଣସି ଗ୍ରାହକଙ୍କ ଘରେ ସ୍ମାର୍ଟମିଟର ଲଗାଯିବ ନାହିଁ ବୋଲି ମିଥ୍ୟା ପ୍ରତିଶ୍ରୁତି ଦେଇ ଚାଲିଥିବାବେଳେ ଅନ୍ୟପଟେ ନିଜ କର୍ମଚାରୀମାନଙ୍କ ଦ୍ୱାରା ବିଦ୍ୟୁତ୍ ଗ୍ରାହକଙ୍କ ଘରେ ଜୋର ଜବରଦସ୍ତ ସ୍ମାର୍ଟ ମିଟର ବସାଉଛନ୍ତି। ଏହି ଘଟଣା ଜଣାପଡ଼ିବା ପରେ ସାଲେପୁର ବିଦ୍ୟୁତ୍ ଡିଭିଜନ୍ ଉପଭୋକ୍ତା ସଂଘ ପକ୍ଷରୁ ଶତାଧିକ ଉପଭୋକ୍ତାମାନେ ସାଲେପୁର ବିଦ୍ୟୁତ୍ ଡିଭିଜନ୍ କାର୍ଯ୍ୟାଳୟରେ ପହଞ୍ଚି ହୋହଲ୍ଲା କରିବା ସହ ମୁଖ୍ୟ ଫାଟକରେ ତାଲା ପକାଇ ଦେଇଥିଲେ। ଖବର ପାଇ ସାଲେପୁର ଆଇଆଇସି ଓ ଟିପିସିଓଡିଏଲ୍ ଅଧିକାରୀ ଆନ୍ଦୋଳନକାରୀଙ୍କ ନିକଟରେ ପହଞ୍ଚି ଏହି ସ୍ମାର୍ଟ ମିଟର ସମ୍ପର୍କରେ ଉଚ୍ଚ ପଦାଧିକାରୀଙ୍କୁ ଜଣାଇ ଗୋଟିଏ ଦିନ ସମୟ ନେଇଥିବାରୁ ଆନ୍ଦୋଳନକାରୀମାନେ ଆନ୍ଦୋଳନ ପ୍ରତ୍ୟାହୃତ କରିବା ସହ ବିଦ୍ୟୁତ୍ ଡିଭିଜନ୍ ମୁଖ୍ୟ କାର୍ଯ୍ୟାଳୟରେ ପକାଇଥିବା ତାଲାକୁ ଖୋଲିଦେଇଥିଲେ। ଏହି ଆନ୍ଦୋଳନରେ ସାଲେପୁର ବିଦ୍ୟୁତ୍ ଉପଭୋକ୍ତା ସଂଘର ସଭାପତି ନନ୍ଦ କିଶୋର ଭୂୟାଁ, ଇନ୍ଦ୍ରଧ୍ୱଜ କର, ଦିଲ୍ଲୀପ ମଲ୍ଲିକ, ସନାତନ ବେହେରା, ଅଜୟ ସାହୁ, ପ୍ରତାପ ଚନ୍ଦ୍ର ଭୂୟାଁ, ମିଟୁ ମହାନ୍ତି, ପରିକ୍ଷୀତ ବେହେରା, କ୍ଷୀରୋଦ ଚନ୍ଦ୍ର ବାରିକ, ପ୍ରଦୀପ୍ତ ପଣ୍ଡାଙ୍କ ସମେତ ଶତାଧିକ ଉପଭୋକ୍ତାମାନେ ସାମିଲ ହୋଇଥିଲେ।









## ଶୋଇଛି ପ୍ରଶାସନ, ବିପଦରେ ଜୀବନ

# ରାଜରାସ୍ତାକୁ ଓହ୍ଲାଇଲେ କୁନି କୁନି ଛାତ୍ରଛାତ୍ରୀ

କଟକ, ୬।୩(ସମିସ)

ରାଜ୍ୟର ସାଂସ୍କୃତିକ ରାଜଧାନୀ କୁହାଯାଉଥିବା କଟକ ସହରର ମଧ୍ୟଭାଗରେ ଶିକ୍ଷା ବ୍ୟବସ୍ଥାର ଯେଉଁ ନଗ୍ନ ଚିତ୍ର ସାମ୍ନାକୁ ଆସିଛି, ତାହା ପ୍ରଶାସନିକ ସ୍ଥାଣୁତାର ଚରମ ସୀମାକୁ ପଦାରେ ପକାଇଛି। ପୂର୍ବ ସରକାର ଅମଳରେ ବିଦ୍ୟାଳୟର ଉନ୍ନତି ଓ ମରାମତି ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ ହୋଇଥିବା ବେଳେ ବର୍ତ୍ତମାନ ସରକାର ସମୟରେ ଶିକ୍ଷାନୁଷ୍ଠାନର ବିକାଶ କାର୍ଯ୍ୟରେ ବିଶେଷ ଅଗ୍ରଗତି ହେଉ ନଥିବା ଅଭିଯୋଗ ଉଠିଛି। ତେବେ ପ୍ରଶାସନର ନିଷ୍କ୍ରିୟତା ଯୋଗୁଁ ଖାନନଗର ସ୍ଥିତ ଉତ୍କଳମଣି ସ୍ମାରକୀ ଉଚ୍ଚ ପ୍ରାଥମିକ ବିଦ୍ୟାପୀଠ ଆଜି ଶିକ୍ଷା ମନ୍ଦିର ନୁହେଁ, ବରଂ ଛାତ୍ରଛାତ୍ରୀଙ୍କ ପାଇଁ ଏକ 'ମରଣଯନ୍ତା' ପାଲଟିଛି। ବର୍ଷ ବର୍ଷ ଧରି ବିଦ୍ୟାଳୟର ଛାତରୁ ପାଣି ଗଳୁଛି, ସିମେଣ୍ଟ ଅତଡ଼ା ଖସୁଛି, କିନ୍ତୁ ଶିକ୍ଷା ବିଭାଗର 'କୁମ୍ଭକର୍ଣ୍ଣ' ନିଦ୍ରା ଭାଙ୍ଗୁ ନାହିଁ। ମୋଟା ଅଙ୍କର ଦରମା ନେଉଥିବା ବଡ଼ବାବୁମାନେ ଏସି ରୁମ୍‌ରେ ବସି ନିଘୋଡ଼ ନିଦ୍ରାରେ ଶୋଇଥିବା ବେଳେ, କୁନି କୁନି ପିଲାଙ୍କ ଜୀବନ ପ୍ରତିଦିନ ବାଜି ଲାଗୁଛି।



- ବିପଦସଙ୍କୁଳ ଶ୍ରେଣୀଗୃହ ସାଜିଛି ମରଣଯନ୍ତା
- ଖାନନଗରରେ ଉତ୍ତେଜନା, ରିଙ୍ଗରୋଡ୍ ଅବରୋଧ
- ବିଦ୍ୟାଳୟରେ ତାଲା ପକାଇଲେ ଅଭିଭାବକ
- ବିଧାୟକଙ୍କ ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ




ବାରମ୍ବାର ଅଭିଯୋଗ ପରେ ମଧ୍ୟ ଯେତେବେଳେ ପ୍ରଶାସନ କର୍ଣ୍ଣପାତ କଲାନାହିଁ, ଶେଷରେ ଧୈର୍ଯ୍ୟଚ୍ୟୁତ ହୋଇ ରାଜରାସ୍ତାକୁ ଓହ୍ଲାଇଲେ ଶତାଧିକ ଛାତ୍ରଛାତ୍ରୀ ଓ ସେମାନଙ୍କ ଅଭିଭାବକ। ବିଦ୍ୟାଳୟରେ ତାଲା ପକାଇବା ସହ ନଦୀକୂଳ ରିଙ୍ଗ୍ ରୋଡ୍‌କୁ ଅବରୋଧ କରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଫଳରେ ଶହ ଶହ ଯାନବାହନ ଅଟକି ରହିବା ଫଳରେ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। କେବଳ ଭଙ୍ଗା ବିଲ୍ଡିଂ ନୁହେଁ, ବିଦ୍ୟାଳୟରେ ଶୌଚାଳୟ ଓ ପାନୀୟ ଜଳ ଭଳି ସର୍ବନିମ୍ନ ଭିତ୍ତିଭୂମିର ଘୋର ଅଭାବକୁ ନେଇ ଅଭିଭାବକମାନେ ନିଜର ଆକ୍ରୋଶ ଝାଡ଼ିଛନ୍ତି। ଆନ୍ଦୋଳନ ତୀବ୍ର ହେବା ପରେ ଘଟଣାସ୍ଥଳରେ ଖାନନଗର-ଖପୁରିଆ ଶିଳ୍ପାଞ୍ଚଳ ପୂଜା କମିଟି ସମ୍ପାଦକ ପ୍ରଫୁଲ୍ଲ କୁମାର ସାହୁ, ସ୍ଥାନୀୟ କର୍ପୋରେଟର ଗୋପାଳ ବେହେରା, ଯୁବ ନେତା ଦେବାଶିଷ ସାହୁ, ଖାନନଗର ଯୁବକ ସଂଘର ସମ୍ପାଦକ ପ୍ରତାପ କୁମାର ସାହୁ, କମିଶନରେଟ୍ ପୁଲିସ ଓ ଶିକ୍ଷା ବିଭାଗର ଅଧିକାରୀମାନେ ପହଞ୍ଚିଥିଲେ। ଏହାପରେ ଚୌଦ୍ୱାର-କଟକ ବିଧାୟକ ସୌଭିକ ବିଶ୍ୱାଳ ସେଠାରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ସହ ବିଧାୟକ ଅନୁଦାନ ପାଣ୍ଠିରୁ ୨୦ ଲକ୍ଷ ଟଙ୍କା ବ୍ୟୟରେ ୬ ମାସ ମଧ୍ୟରେ ଏକ ନୂତନ ବିଲଡିଂ ନିର୍ମାଣ କରାଯିବ ବୋଲି ସେ ଘୋଷଣା କରିଥିଲେ। ବିଧାୟକଙ୍କ ଏହି ଲିଖିତ ପ୍ରତିଶ୍ରୁତି ପରେ ଛାତ୍ରଛାତ୍ରୀମାନେ ଧାରଣାରୁ ଓହରିଥିଲେ। ପ୍ରକାଶଥାଉକି ଏହି ବିପଦସଂକୁଳ ବିଦ୍ୟାଳୟର ସମ୍ପୂର୍ଣ୍ଣ ମରାମତି କିମ୍ବା ପୁନଃ ନିର୍ମାଣ କରିବା ପାଇଁ ଜିଲ୍ଲାପାଳ, ସିଏମସି କର୍ତ୍ତୃପକ୍ଷ ଏବଂ ଶିକ୍ଷା ବିଭାଗର ଅଧିକାରୀଙ୍କୁ ପୂର୍ବରୁ ଅବଗତ କରାଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆ ନ ଯିବାରୁ ଅଭିଭାବକମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେବା ସହ ସେମାନେ ରାଜରାସ୍ତାକୁ ଓହ୍ଲାଇଥିଲେ।

## 'ଧ୍ରୁବତାରା'ର ହୋଲି ମହୋତ୍ସବ

### ବ୍ୟଙ୍ଗ ଉପାଧିରେ ହାସ୍ୟ ଅଭିନେତା ବିଭୂପ୍ରସାଦ ସମ୍ମାନିତ



କଟକ, ୬।୩(ସମିସ): ଶିଶୁ ସାହିତ୍ୟିକ ଓ ସଂଗଠକ ନଦୀୟା ବିହାରୀ ମହାନ୍ତିଙ୍କ ଦ୍ୱାରା ପ୍ରତିଷ୍ଠିତ ସାହିତ୍ୟ ଅନୁଷ୍ଠାନ 'ଧ୍ରୁବତାରା' ପକ୍ଷରୁ ୩୭ତମ 'ରାଜ୍ୟସ୍ତରୀୟ ହୋଲି ମହୋତ୍ସବ-୨୦୨୬' ଓଡ଼ିଶା ସାହିତ୍ୟ ଏକାଡେମୀ ସହଯୋଗରେ ବାଣୀ ପୀଠ ଶ୍ରୀରାମଚନ୍ଦ୍ର ଭବନରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶିକ୍ଷାବିତ୍ ତଥା ସିନେ ଅଭିନେତା ପ୍ରଦ୍ୟୁମ୍ନ ଲେଙ୍କା ମୁଖ୍ୟଅତିଥି, ମୁଖ୍ୟବକ୍ତା ଭାବରେ ବିଶିଷ୍ଟ ସାହିତ୍ୟିକା ଡ. ସୁଲୋଚନା ଦାସ ଯୋଗଦେଇଥିଲେ। ଏହି ଅବସରରେ ଚଳିତ ବର୍ଷର ମର୍ଯ୍ୟାଦାପୂର୍ଣ୍ଣ ବ୍ୟଙ୍ଗ ଉପାଧିରେ ପ୍ରଖ୍ୟାତ ବ୍ୟଙ୍ଗ ଅଭିନେତା ବିଭୂପ୍ରସାଦ ନାୟକଙ୍କୁ ସମ୍ମାନିତ କରାଯାଇଥିଲା। ଧ୍ରୁବତାରାର ସଭାନେତ୍ରୀ ଜୟନ୍ତୀ ମଞ୍ଜରୀ ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ଆଇନଜୀବୀ ପ୍ରସନ୍ନ ନନ୍ଦ ହୋଲିର ମହତ୍ତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ଶିଶୁ ସାହିତ୍ୟିକ ସୁନାମଣି ରାଉତ ହୋଲି ଉତ୍ସବ ପ୍ରାରମ୍ଭିକ ଭାଷଣ ଦେଇଥିଲେ। ଧ୍ରୁବତାରାର ସମ୍ପାଦିକା ବିଭାସିନୀ ମହାନ୍ତି ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ତନୟା ଦାସ ଗୋସ୍ୱାମୀ, ଡ. ସତ୍ୟ ରାୟ, ବିରେନ୍ଦ୍ର କୁମାର ସିଂ ସାମନ୍ତ, ବିଶ୍ୱବିହାରୀ ମହାନ୍ତି, ସତ୍ୟଗୋପାଳ ପରିଜା, ସୁବାସ ପ୍ରଧାନ, ସନ୍ଧ୍ୟା ଶତପଥୀ, ଲୀଳା ମହାନ୍ତି, କୁନ୍ତଳା ବେହେରା, ବ୍ରହ୍ମାନନ୍ଦ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଲକ୍ଷ୍ମୀ ମିଶ୍ର ଧନ୍ୟବାଦ ଦେଇଥିଲେ। ହୋଲି ଆଧାରିତ ଚିତ୍ରକଳା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଚିତ୍ର ଶିଳ୍ପୀ ରବି ରଥ ବିଚାରକ ଥଲେ।

## ବରିଷ୍ଠ ନାଗରିକ ମଞ୍ଚର ବୈଠକ



କଟକ, ୬।୩(ସମିସ): ବରିଷ୍ଠ ନାଗରିକ ମଞ୍ଚ, ଫ୍ରେଣ୍ଡ୍ସ କଲୋନୀ, କଟକର ୫ମ ବାର୍ଷିକ ସାଧାରଣ ବୈଠକ ଶ୍ରୀ ନୀଳକଣ୍ଠେଶ୍ୱର, ଉତ୍ତରକୂଳ ମନ୍ଦିର ପ୍ରାଙ୍ଗଣରେ ଆୟୋଜିତ ହୋଇଯାଇଛି। ଏଥିରେ ପୂର୍ବ ଓଡ଼ିଶା କନଷ୍ଟ୍ରକ୍ସନ ନିର୍ଦ୍ଦେଶକ ପ୍ରଫୁଲ୍ଲ ଦାସ, ଏସସିବି ମେଡିକାଲ କଲେଜର ପୂର୍ବତନ ଅଧ୍ୟକ୍ଷ ଡା. ସୁଧାଂଶୁ ଶେଖର ମିଶ୍ର, ପଣ୍ଡିତ କରୁଣାକର ମିଶ୍ର ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଏଥିରେ ବରିଷ୍ଠ ନାଗରିକମାନେ ନିଜ ନିଜର ପିଲାଦିନର ଅନୁଭୂତି ବଖାଣି ଥିଲେ। ସେକ୍ରେଟାରୀ ହିମାଂଶୁ ମିଶ୍ର, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଅଶୋକ ମହାପାତ୍ର ସଭା ପରିଚାଳନା କରିଥିଲେ।

## ଟେଟ୍ରା ମଦ ପ୍ୟାକ୍‌କୁ ଏଆଇଏମ୍‌ଏସ୍‌ଏସ୍‌ର ବିରୋଧ



କଟକ, ୬।୩(ସମିସ): ରାଜ୍ୟରେ ଟେଟ୍ରା ପ୍ୟାକ୍ ମଦ ପ୍ରସାରକୁ ବନ୍ଦ କରିବା ଏବଂ ମଦକୁ ସମ୍ପୂର୍ଣ୍ଣ ନିଷିଦ୍ଧ କରିବା ଦାବିରେ ଆଜି ଅଲ୍ ଇଣ୍ଡିଆ ମହିଳା ସାଂସ୍କୃତିକ ସଂଗଠନ (ଏଆଇଏମଏସଏସ) ପକ୍ଷରୁ କଟକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସଂଗଠନର ଅଭିଯୋଗ ଅନୁଯାୟୀ, ରାଜ୍ୟକୁ ମଦମୁକ୍ତ କରିବା ପାଇଁ ସରକାର ଦେଇଥିବା ପ୍ରତିଶ୍ରୁତି ପାଳନ କରିବା ପରିବର୍ତ୍ତେ ଟେଟ୍ରା ପ୍ୟାକ୍ ମାଧ୍ୟମରେ ମଦର ବନ୍ୟା ଛୁଟାଇବାକୁ ଯୋଜନା କରୁଛନ୍ତି। ବିକ୍ଷୋଭକାରୀମାନେ ମତ ପ୍ରକାଶ କରିଛନ୍ତି ଯେ କାଗଜ ଡବା ବା ଟେଟ୍ରା ପ୍ୟାକ୍‌ରେ ମଦ ମିଳିଲେ ଏହାକୁ ସହଜରେ ବ୍ୟାଗ୍‌ରେ ବହନ କରାଯାଇପାରିବ, ଯାହାଫଳରେ କୋମଳମତି ଛାତ୍ର ଓ ଯୁବପିଢ଼ି ଅଧିକ ନିଶାଗ୍ରସ୍ତ ହେବାର ଆଶଙ୍କା ରହିଛି। ଏଆଇଏମଏସଏସ ଜିଲ୍ଲା ସଭାନେତ୍ରୀ ମାଳବିକା ସାମଲ ଓ ସମ୍ପାଦିକା ସ୍ୱାଧିନୀ ବେହେରାଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ବିକ୍ଷୋଭରେ ଶତାଧିକ ମହିଳା ସାମିଲ ହୋଇଥିଲେ। ପରେ ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ସିପ୍ରା ମହାନ୍ତି, ମନୋସ୍ୱିନୀ ପ୍ରଧାନ ଏବଂ ସୁଜାତା ମହାପାତ୍ରଙ୍କ ସମେତ ଅନେକ ନାରୀନେତ୍ରୀ ଉପସ୍ଥିତ ରହି ତୁରନ୍ତ ଟେଟ୍ରା ପ୍ୟାକ୍ ମଦ ବନ୍ଦ କରିବାକୁ ଚେତାବନୀ ଦେଇଛନ୍ତି।

## ବାଲିସାହି ସତ୍ୟନଗରରେ ହୋଲି ପର୍ବ

କଟକ, ୬।୩(ସମିସ): ନୂଆପଡ଼ା, ବାଲିସାହି ଅଞ୍ଚଳର ସତ୍ୟନଗରରେ ଧୂମଧାମରେ ହୋଲି ଉତ୍ସବ ପାଳିତ ହୋଇଛି। ସାହି ପରିଚାଳନା କମିଟି ସଭାପତି ସରୋଜକାନ୍ତ ଦାଶ, ସମ୍ପାଦକ କୁଞ୍ଜବିହାରୀ ପ୍ରଧାନ, ଯୁଗ୍ମ ସମ୍ପାଦକ ବିନୟ ମହାନ୍ତି, ଉପସଭାପତି ଶ୍ରୀକାନ୍ତ ମହାନ୍ତି, କୋଷାଧ୍ୟକ୍ଷ ଅର୍ଜୁନ ଜେନା ଏବଂ ଅନନ୍ୟ ସଦସ୍ୟବୃନ୍ଦ ତଥା ରାଜକିଶୋର ଶାସ୍ତ୍ରୀ, ମାନସ ତ୍ରିପାଠୀ, ଅଶୋକ ବିଶ୍ୱାଳ, ଅମିତାଭ ରାଉତରାୟ, ବିଧାନନାଥ ଶର୍ମା, ଦିଲ୍ଲୀପ ଆଚାର୍ଯ୍ୟ, ଶ୍ରୀକାନ୍ତ ମହାପାତ୍ର, ଚିତ୍ତରଞ୍ଜନ ତ୍ରିପାଠୀ, ପ୍ରସନ୍ନ ସାହୁ, କାର୍ତ୍ତିକ ସାହୁ, ବିଦ୍ୟୁତ୍ ଓଝା, ପ୍ରମୋଦ ପ୍ରଧାନ, ଶ୍ରଦ୍ଧାଞ୍ଜଳି ମହାନ୍ତି, ବିକାଶ ମହାପାତ୍ର, ମଦନଧର ମଲ୍ଲିକ, ସିତେଶ ପାଲ, ଅଭୟ ସ୍ୱାଇ, ମନୋଜ ପଶାୟତ, ଶିବ ନାରାୟଣ ସ୍ୱାଇଁ ଏବଂ ସାଇର ବହୁ ମୁରବୀ ବ୍ୟକ୍ତି ଯୋଗଦେଇଥିଲେ। ଉତ୍ସବରେ କଟକ ସଦରର ୫୦ ନମ୍ବର ୱାର୍ଡର କର୍ପୋରେଟର ସନ୍ତୋଷ ଭୋଳ ଏବଂ ୫୧ ନମ୍ବର ୱାର୍ଡର କର୍ପୋରେଟର ରାକେଶ ସ୍ୱାଇଁ ମଧ୍ୟ ଯୋଗଦେଇଥିଲେ। ଉତ୍ସବରେ ସମସ୍ତ ସଦସ୍ୟଙ୍କ ପାଇଁ କଟକି ଦହିବରା ଆଳୁଦମ ଏବଂ ଜଳପାନର ବ୍ୟବସ୍ଥା ମଧ୍ୟ କରାଯାଇଥିଲା।

## ମଧୁପାଟଣା ଗ୍ରାମ ଉନ୍ନୟନ ପରିଷଦର ହୋଲି ମିଳନ

କଟକ, ୬।୩(ସମିସ): ପବିତ୍ର ହୋଲି ପର୍ବ ଅବସରରେ ମଧୁପାଟଣା ଗ୍ରାମ ଉନ୍ନୟନ ପରିଷଦ ପକ୍ଷରୁ ପ୍ରମିଳା ମଣ୍ଡପରେ ହୋଲି ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଛି। ସମସ୍ତ କର୍ମକର୍ତ୍ତା ଓ ଅଞ୍ଚଳବାସୀ ଏକତ୍ରିତ ହୋଇ ପରସ୍ପର ମଧ୍ୟରେ ରଙ୍ଗ ଲଗାଇ ଖୁସିର ବାର୍ତ୍ତା ବାଣ୍ଟିଥିଲେ। ଏହି ବନ୍ଧୁମିଳନରେ ସଭାପତି ଅଜୟ ମିଶ୍ର, ସାଧାରଣ ସମ୍ପାଦକ ସୁବ୍ରତ ସାମନ୍ତରାୟ, ସାରଦା ପ୍ରସାଦ ପ୍ରଧାନ, ଯୁବରାଜ ଦେବତା, ସୁଧୀର ବେହେରା, ଅକ୍ଷୟ ପଣ୍ଡା, ବ୍ରଜେନ୍ଦ୍ର ସିଂହ, ପ୍ରଦ୍ୟୁମ୍ନ ସାମନ୍ତରାୟ, ସୁବୋଧ ମିଶ୍ର, ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ, ଦେବୀ ମହାନ୍ତି, ସୁକାନ୍ତ ବାରିକ, ପ୍ରତ୍ୟୁଷ ଦଳ, ଚୌଧୁରୀ ପ୍ରଭାତ କେଶରୀ ମିଶ୍ର, କର୍ପୋରେଟର ଇଂ ସୁବ୍ରତ ଘଡେଇ, ସନ୍ତୋଷ ଭୋଳ, ତ୍ରିଲୋଚନ ମହାନ୍ତି, ସୋନାଲି ସାମନ୍ତରାୟ, ଇପସିତା ସାମନ୍ତରାୟ, ବିଚିତ୍ରା ବେହୁରା, ପ୍ରମୋଦ ଛାଟୋଇଙ୍କ ସମେତ ବହୁ ସଂଖ୍ୟାରେ ଅଞ୍ଚଳବାସୀ ଉପସ୍ଥିତ ଥିଲେ।

## ରାମକୃଷ୍ଣ କୁଟୀରରେ ହୋଲି ଉତ୍ସବ



କଟକ, ୬।୩(ସମିସ): ରୋଟାରୀ କ୍ଲବ୍ ଅଫ କଟକ ରାଡିଆନ୍ସ ଆନୁକୂଲ୍ୟରେ ରାମକୃଷ୍ଣ କୁଟୀରରେ ଅନ୍ତେବାସୀ ଓ ରୋଟାରୀ କ୍ଲବର ସଭ୍ୟାମାନଙ୍କ ଦ୍ୱାରା ଆନନ୍ଦ ଓ ହର୍ଷ ଉଲ୍ଲାସ ମଧ୍ୟରେ ହୋଲି ଉତ୍ସବ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ କ୍ଲବର ସଭାପତି ରୋଟାରିଆନ ବାଣୀ ନିର୍ମାଲ୍ୟ ଦାସ, ରୋଟାରିଆନ ବିଦ୍ୟୁତ୍ କୁମାରୀ ଲାଲା, ତତ୍ତ୍ୱାବଧାରକ ସୁଭାଷ ଚନ୍ଦ୍ର ସାହୁ, ସମ୍ପାଦକ ଗୋକୁଳାନନ୍ଦ ପଟ୍ଟନାୟକ, ସହ ସମ୍ପାଦକ ଭୁବନାନନ୍ଦ ମହାନ୍ତି ଓ ଅନ୍ତେବାସୀମାନେ ଯୋଗ ଦେଇ ପରସ୍ପରକୁ ଅବିର ରଙ୍ଗ ଦେଇ ହୋଲିର ଶୁଭେଚ୍ଛା ଜଣାଇଥିଲେ। ଶେଷରେ ରୋଟାରୀ କ୍ଲବ୍ ଅଫ କଟକ ରାଡିଆଁନ୍ସ ତରଫରୁ ଅନ୍ତେବାସୀଙ୍କ ମଧ୍ୟରେ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା।

## ହୋଲି ଉତ୍ସବ ପାଳିଲେ ମେୟର



କଟକ, ୬।୩(ସମିସ): ରଙ୍ଗ ଓ ଭାଇଚାରାର ପର୍ବ ହୋଲି ଉତ୍ସବକୁ ମେୟର ସୁବାସ ସିଂ ତାଙ୍କ ସରକାରୀ ବାସଭବନରେ ବହୁ ଆଡମ୍ବର ଓ ଧୂମଧାମରେ ପାଳନ କରିଥିଲେ। ବିଭିନ୍ନ ପ୍ରକାର ଖାଦ୍ୟପାନୀୟ, ସଙ୍ଗୀତର ତାଳେତାଳେ ମେୟର ଶ୍ରୀ ସିଂ ତାଙ୍କ ସରକାରୀ ବାସଭବନରେ, ସମସ୍ତ ଷ୍ଟାଣ୍ଡିଙ୍ଗ କମିଟି ଅଧ୍ୟକ୍ଷ ଅଧ୍ୟକ୍ଷା, ସମସ୍ତ କର୍ପୋରେଟର, ସମସ୍ତ ବିଜୁ ଜନତା ଦଳ ୱାର୍ଡ ସଭାପତି, ୱାର୍ଡ ମହିଳା ସଭାପତି, ସାହି ମୁରବି, ବହୁ ଆଇନଜୀବୀ, ସମାଜସେବୀ, ଯୁବଗୋଷ୍ଠୀ, ଛାତ୍ରଛାତ୍ରୀ, ଜଗନ୍ନାଥ ସ୍ୱାଇଁ, ଦେବେନ୍ଦ୍ର ପାଣିଗ୍ରାହୀ, କାଳିଚରଣ ପାଣିଗ୍ରାହୀ, ଜନ ଆଶିଷ ବରାଳ, ସୌମେନ୍ଦ୍ର ସାହୁ, ଆଇନଜୀବୀ ସ୍ୱଦେଶ ଦାସ, ଅର୍ଦ୍ଧେନ୍ଦୁ ଶେଖର ମାଝୀ, ଦୀପ୍ତିରଞ୍ଜନ ରାୟ, ବିଶ୍ୱନାଥ ଧୀର, ମିତାଲି ଭଞ୍ଜ, ସୌମ୍ୟଦର୍ଶନ ବେହେରା, ନନ୍ଦଲାଲ ସିଂ, ପ୍ରଦୀପ ବାରିକ, ସୁବୋଧ ସେଠୀ, ଦୀନବନ୍ଧୁ ରାଉତ, ମିହିର ରଞ୍ଜନ ସାହୁ ସାମିଲ ଥିଲେ।

### ବାଲି ମାଫିଆଙ୍କ ଦୌରାମ୍ୟ

# ପୁରୁଣା ଟିପିରେ ବୁହା ଚାଲିଛି ନୂଆ ବାଲି ଟ୍ରିପ୍

କଟକ, ୬।୩(ସମିସ)

ଦିନକୁ ଦିନ କଟକ ସହର ଓ ଏହାର ଉପକଣ୍ଠରେ ବାଲିମାଫିଆଙ୍କ ଦୌରାମ୍ୟ ବଢ଼ି ଚାଲିଛି। ରାତି ୧୨ଟାରୁ ଚୋରା ବାଲି ଉଠାଣ ଓ ପରିବହନ ଆରମ୍ଭ ହୋଇ ଏହା ଭୋର ୬ଟା ପର୍ଯ୍ୟନ୍ତ ଚାଲୁଛି। ବାଲିର ଚୋରା ଚାଲାଣ ସମ୍ପର୍କରେ ଖଣି ବିଭାଗ, କମିଶନରେଟ୍ ପୁଲିସ ଏବଂ ଜିଲ୍ଲା ପ୍ରଶାସନ ଭଲ ଭାବେ ଅବଗତ ଥିବା ବେଳେ ଆଦୌ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନଥିବାରୁ ବାଲି ମାଫିଆମାନେ ସ୍ପଷ୍ଟ ଦିବାଲୋକରେ କୋଟି କୋଟି ଟଙ୍କା ବାଲି ଚୋରାଇ ନେଉଛନ୍ତି। ତେବେ ରାଜ୍ୟ ସରକାରଙ୍କ ଖଣି ବିଭାଗର ନିୟମ ଅନୁଯାୟୀ, ବାଲି ଚାଲାଣ କରାଯିବା ସମୟରେ ସମ୍ପୃକ୍ତ ହାଇୱା, ଟ୍ରକ୍ ଏବଂ ଟ୍ରାକ୍ଟରକୁ ଏକ ଟ୍ରାଞ୍ଜିଟ୍ ପାସ୍ ବା ଟିପି ଦିଆଯାଇଥାଏ। ଏହି ଟିପିକୁ ସମ୍ପୃକ୍ତ ଚାଳକ ଯାଞ୍ଚ ସମୟରେ ଦେଖାଇବା ବାଧ୍ୟତାମୂଳକ ଅଟେ। କିନ୍ତୁ ବାଲି ମାଫିଆମାନେ ପୁରୁଣା ଟିପି(ବୈଧ ନଥିବା)କୁ ପ୍ରଦର୍ଶିତ କରି ଶହ ଶହ ଟ୍ରିପ୍ ବାଲି ଚାଲାଣ କରୁଛନ୍ତି। ପୁଲିସ ଚେକିଂ ସମୟରେ ଏସବୁ ବିଷୟରେ ଅବଗତ ଥିଲେ ମଧ୍ୟ ବାଲି ମାଫିଆଙ୍କ ସହିତ ହାତ ମିଶାଇ ଚୁପ୍ ରହୁଛି। ନୂତନ ଟିପି ନନେଇ ବାଲି ମାଫିଆମାନେ ମାସ ମାସ ଧରି ପୁରୁଣା ଟିପିରେ କାମ ଚଳାଉଛନ୍ତି। ଗତ ବର୍ଷ ଗତିରାଉତପଟଣାରେ ବାଲି ବୋଝେଇ ହାଇୱା ଧକ୍କାରେ ୨ଜଣ ପୁଲିସ କର୍ମଚାରୀଙ୍କ ପ୍ରାଣହାନୀ ଘଟିଥିଲା। ତଦନ୍ତ ସମୟରେ ସମ୍ପୃକ୍ତ ହାଇୱା'ମାଲିକ ନିକଟରେ ଟିପି ନଥିବା ପୁଲିସ ଜାଣିଥିଲା। ବିନା ଟିପି' ଏବଂ ପୁରୁଣା ଟିପିରେ ଦୈନିକ ଶହ ଶହ ବାଲି ବୋଝେଇ ହାଇୱା ସହର ମଧ୍ୟରେ ଗଡ଼ୁଛି। ଏହା ଉପରେ ଆଦୌ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯିବାରୁ ଜନଅସନ୍ତୋଷ ବଢ଼ିବାରେ ଲାଗିଛି। ଏ ସମ୍ପର୍କରେ ଡିସିପି ଖିଲାରୀ ଋଷିକେଶ ଦ୍ୟାନ୍‌ଦେଓଙ୍କୁ ପଚାରିବାରୁ ସେ କହିଛନ୍ତି, ପୁଲିସର ସ୍ୱତନ୍ତ୍ର ଚଢ଼ଉ ଜାରି ରହିଛି। ବାଲି ଗାଡିଗୁଡ଼ିକର ଟ୍ରାଞ୍ଜିଟ୍ ପାସ୍‌କୁ ଯାଞ୍ଚ କରାଯାଉଛି। ଆଦୌ ପାସ ନଥିଲେ କିମ୍ବା ପୁରୁଣା ଟ୍ରାଞ୍ଜିଟ୍ ପାସ୍ ଦେଖାଇଲେ ପୁଲିସ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି। ଏ ସମ୍ପର୍କରେ ଅନ୍ୟାନ୍ୟ ଅଭିଯୋଗ ନିମନ୍ତେ ସ୍ୱତନ୍ତ୍ର ୟୁନିଟ୍ କାର୍ଯ୍ୟକ୍ଷମ ରହିଛି ବୋଲି ସେ କହିଛନ୍ତି।

> ରାତି ୧୨ରୁ ଭୋର ୬ଟା ଭିତରେ ଚୋରା କାରବାର
>
> ଖଣି ବିଭାଗ, ଜିଲ୍ଲା ପ୍ରଶାସନ ଓ କମିସନରେଟ୍ ପୁଲିସ ନିରବଦ୍ରଷ୍ଟା
>
> ମହାନଦୀ ଓ କାଠଯୋଡ଼ିରୁ ଉଠୁଛି ଶହ ଶହ ଚୋରା ବାଲି ଟ୍ରିପ୍

ସୂଚନା ଅନୁଯାୟୀ, କଟକ ସହର ଓ ଏହାର ଉପକଣ୍ଠରେ ସମୁଦାୟ ୧୫ଟି ତହସିଲ୍ ଅଧିନରେ ମୋଟ ୧୦୭ଟି ବାଲିଘାଟ ରହିଛି। ତନ୍ମଧ୍ୟରୁ ୭୬ଟି ବାଲିଘାଟ ନିଲାମ କରାଯାଇଛି। ଅନ୍ୟ ୩୧ଟି ବାଲିଘାଟକୁ ନିଲାମ କରାଯାଇ ନାହିଁ। କିନ୍ତୁ ନିଲାମ ହୋଇନଥିବା ବାଲିଘାଟକୁ ବାଲି ମାଫିଆମାନେ ନିଜ କବ୍ଜାକୁ ନେଇ ବାଲି ଚୋରା ଚାଲାଣ କରୁଛନ୍ତି। ଏଠାରେ ଟିପିରେ ବ୍ୟାପକ କଳାବଜାର କରାଯାଉଥିବା ଅଭିଯୋଗ ଉଠିଛି। ସହରରେ ଖାନନଗର, ଘାଟକୂଳ, ସାର୍ତ୍ତୋଳ ଅଞ୍ଚଳରେ ରହିଥିବା ବେଆଇନ୍ ବାଲିଘାଟରୁ ଦୀର୍ଘ ବର୍ଷ ହେବ ଚୋରାରେ ବାଲି ଚାଲାଣ ହେଉଛି। ପୂର୍ବରୁ ବାଲିଘାଟ ଉପରେ ପ୍ରଶାସନିକ ଅଙ୍କୁଶ ନଥିବାରୁ ଘାଟଧାରୀମାନେ ମନଇଛାରେ ବାଲି ଉତ୍ତୋଳନ କରି ଚାଲାଣ କରୁଥିବା ନଜରକୁ ଆସୁଛି। ତେବେ କଟକ ସଦର ତହସିଲ୍ କାର୍ଯ୍ୟାଳୟ ପକ୍ଷରୁ ନିୟୋଜିତ ଏନ୍‌ଫୋର୍ସମେଣ୍ଟ୍ ସ୍କ୍ୱାଡ୍ ମଧ୍ୟ ନିରବଦ୍ରଷ୍ଟା ସାଜିଛି। ବାଲିର ଚୋରା ଚାଲାଣ ରୋକିବାକୁ ଜିଲ୍ଲା ପ୍ରଶାସନ, କମିଶନରେଟ୍ ପୁଲିସ, ପରିବହନ ବିଭାଗ ଓ ଖଣି ବିଭାଗ ଏକତ୍ରିତ ହୋଇ ଚଢ଼ଉ ଜାରି ରଖିଲେ, ଏହା ରୋକା ଯାଇପାରନ୍ତା। କିନ୍ତୁ ପ୍ରଶାସନ, ଖଣି ବିଭାଗ ଓ ପୁଲିସର ବାଲି ମାଫିଆଙ୍କ ସହ ଅସାଧୁ ମେଣ୍ଟ ରହିଥିବାରୁ ବାଲି ଚୋରା କାରବାର ଅବାଧରେ ଚାଲିଥିବାର ଅଭିଯୋଗ ଉଠିଛି।

# ଶାନ୍ତିଶୃଙ୍ଖଳାରେ ଦୋଳ ମେଳଣ ଓ ହୋଲି ଉତ୍ସବ ସମ୍ପନ୍ନ

## ● ପ୍ରସିଦ୍ଧ ମୁନ୍ସୀ ମେଳଣର ଶତବାର୍ଷିକୀ



**ସାଲେପୁର, ୬ ।୩ (ସମିସ):** ସାଲେପୁର ମୁନ୍ସୀ ମେଳଣ କମିଟି ପକ୍ଷରୁ ମୁନ୍ସୀ ମେଳଣ ଉତ୍ସବ ମହାଆଡମ୍ବରରେ ପାଳିତ ହୋଇଯାଇଛି । ପୁଲିସ ଓ ସାଧାରଣ ଲୋକଙ୍କ ମଧ୍ୟରେ ସୁସଂପର୍କ ସ୍ଥାପନ ଓ ଭାଇଚାରାର ପରକାଷ୍ଠା ସଦୃଶ ଏହି ମେଳଣ ଚଳିତ ବର୍ଷ ଏକ ଶହ ବର୍ଷ ପୂର୍ତ୍ତି ପାଳନ କରିଛି । ଏହି ଅବସରରେ ମୁନ୍ସୀ ମେଳଣ କମିଟି ପକ୍ଷରୁ ମେଳଣକୁ ଆକର୍ଷଣୀୟ କରାଯିବା ପାଇଁ ବିଭିନ୍ନ ପ୍ରକାର ଆଲୋକମାଳାରେ ସୁସଜ୍ଜିତ କରାଯିବା ସହ ମୁନ୍ସୀ ମେଳଣ ମଣ୍ଡପକୁ ଆଲୋକିକରଣ କରାଯାଇଥିଲା । ସାଲେପୁର ଥାନା ଅଧିକାରୀ ମହେଶ୍ୱର ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମୁନ୍ସୀ ମେଳଣର ଶତବାର୍ଷିକ ଅବସରରେ ଥାନା ପରିସରକୁ ସୁସଜ୍ଜିତ କରାଯିବା ସହ ସନ୍ଧ୍ୟାରେ ପ୍ରସାଦ ସେବନର ଆୟୋଜନ କରାଯାଇଥିଲା । ହଜାର ହଜାର ସଂଖ୍ୟାରେ ଲୋକ ଦୋଳରେ ଦୋଳଗୋବିନ୍ଦଙ୍କୁ ଦର୍ଶନ କରିବା ସହ ପ୍ରସାଦ ସେବନ କରି ଆନନ୍ଦ ଉଲ୍ଲାସରେ ମେଳଣକୁ ଉପଭୋଗ କରିଥିଲେ । ଏହି ପରିପ୍ରେକ୍ଷୀରେ ମୁନ୍ସୀ ମେଳଣ କମିଟି ପକ୍ଷରୁ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବା ସହ ଅନୁଷ୍ଠାନ ପକ୍ଷରୁ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ମୁନ୍ସୀ ମେଳଣ ଆଜକୁ ୧ଶହ ବର୍ଷ ତଳେ ସାଲେପୁର ଥାନାର ଜଣେ ମୁନ୍ସୀ ରହିଥିବାବେଳେ ତାଙ୍କର କୌଣସି ସନ୍ତାନ ସନ୍ତତି ନ ଥିଲେ । ଉକ୍ତ ସମୟରେ ଦୋଳ ଯାତ୍ରା ଚାଲିଥିବାବେଳେ ଉକ୍ତ ଯାତ୍ରାକୁ ମୁନ୍ସୀ ଯାଇଥିବାବେଳେ ମେଳଣ କମିଟିର ସଦସ୍ୟମାନେ ବିମାନରେ ଥିବା ଦୋଳଗୋବିନ୍ଦଙ୍କୁ ଯାହା ମାଗନ୍ତି, ପ୍ରଭୁ ତାଙ୍କ ମନସ୍କାମନା ପୂରଣ କରନ୍ତି । ମୁନ୍ସୀଙ୍କର କୌଣସି ସନ୍ତାନ ସନ୍ତତି ନ ଥିବାରୁ ତାଙ୍କର ସନ୍ତାନ ପାଇଁ ଦୋଳଗୋବିନ୍ଦଙ୍କ ନିକଟରେ ପ୍ରାର୍ଥନା କରିଥିଲେ । ପରେ ତାଙ୍କର ଏକ ପୁତ୍ର ସନ୍ତାନ ଜନ୍ମଲାଭ କରିଥିଲା । ତାଙ୍କ ମାନସିକ ପୂରଣ ହୋଇଥିବାରୁ ଉକ୍ତ ଦିନ ଠାରୁ ଥାନା ପରିସରରେ ତାଙ୍କ ନାମ ଅନୁଯାୟୀ ଏହି ମୁନ୍ସୀ ମେଳଣ ଆରମ୍ଭ ହୋଇଥିଲା । ଏହି ମୁନ୍ସୀ ମେଳଣ ଓଡ଼ିଶାର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲା । ଚଳିତ ବର୍ଷ ମୁନ୍ସୀ ମେଳଣକୁ ୧ଶହ ବର୍ଷ ପୁରିଥିବାରୁ ମେଳଣ କମିଟି ପକ୍ଷରୁ ବିଭିନ୍ନ ଅଞ୍ଚଳର ୧୭ଟି ବିମାନକୁ ନେଇ ଏହି ମେଳଣ ଆୟୋଜନ କରାଯାଇଥିଲା । ଏହି ମେଳଣରେ ଷଣ୍ଢ, ସଖି, ଘୋଡ଼ା, ବିଭିନ୍ନ ପ୍ରକାର ବାଦ୍ୟ, ଘଣ୍ଟଘଣ୍ଟା ଆଦି ବାଦନ କରି ବିମାନ ଗୁଡିକୁ ଶୋଭାଯାତ୍ରାରେ ମେଳଣ ପଡ଼ିଆକୁ ନିଆଯାଇଥିଲା । ଏହି ମେଳଣ ଦେଖିବାକୁ ହଜାର ହଜାର ସଂଖ୍ୟକ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା । ଏହି ଅବସରରେ ସନ୍ଧ୍ୟାରେ ମୁନ୍ସୀ ମେଳଣ କମିଟିର ବରିଷ୍ଠ ସଦସ୍ୟ ତଥା ସାମ୍ବାଦିକ ଅକ୍ଷୟ କୁମାର ଦାଶଙ୍କ ସଂଯୋଜନାରେ ଏକ ସମ୍ବର୍ଦ୍ଧନା ସଭାର ଆୟୋଜନ କରାଯାଇଥିଲା । ଏଥିରେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା, ପୂର୍ବତନ ବିଧାୟକ ପ୍ରକାଶ ବେହେରା, କଂଗ୍ରେସ ନେତା ହରିବନ୍ଧୁ ଶତପଥୀ, ସାଲେପୁର ଏସ୍‌ଡିପିଓ ବିରଞ୍ଚି ନାରାୟଣ ପତି, ବିଜେପି କୃଷକ ମୋର୍ଚ୍ଚାର ରାଜ୍ୟ ଉପସଭାପତି ସତ୍ୟବାଦୀ ଚଇନି, ଚଳଚ୍ଚିତ୍ର ପ୍ରଯୋଜକ ଦିଲ୍ଲୀପ ଦାଶ, ସାଲେପୁର ବିଡ଼ିଓ ଲୋପାମୁଦ୍ରା ନାୟକ, ନିଶ୍ଚିନ୍ତକୋଇଲି ଆଇଆଇସି ଅନିତା ସାହୁ, ମାହାଙ୍ଗା ଆଇଆଇସି ଯୁଗଳ କିଶୋର ଦାଶ, ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ରବିନ୍ଦ୍ରନାଥ କର, ମାହାଙ୍ଗା ବିଧାୟକ ଶାରଦା ପ୍ରଧାନଙ୍କ ପ୍ରତିନିଧି ଭାବେ ନିଶ୍ଚିନ୍ତକୋଇଲି ବ୍ଲକ୍‌ର ପୂର୍ବତନ ଅଧ୍ୟକ୍ଷ ଅଶୋକ ଓଝାଙ୍କ ସମେତ ବହୁ ପ୍ରଶାସନିକ ଅଧିକାରୀ ଓ ବିଭିନ୍ନ ରାଜନୈତିକ ଦଳର ନେତାମାନେ ଯୋଗଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ସାଲେପୁର ଥାନାର ସବ୍‌ଇନିସ୍ପେକ୍ଟର ଶ୍ରଦ୍ଧାଞ୍ଜଳି ସାହୁ, ଏଏସ୍‌ଆଇ ନୀଳମାଧବ ପଣ୍ଡା, ରାଧାକାନ୍ତ ସାହୁ, ସନ୍ତୋଷ ବେହେରା, କର୍ମଚାରୀ ଶଶିକାନ୍ତ ଜେନା, ସ୍ମୃତିରଞ୍ଜନ ଭୂୟାଁ, ସାଲେପୁର ମୁନ୍ସୀ ମେଳଣ କମିଟି ସଦସ୍ୟ ଦେବେନ୍ଦ୍ର ନାଥ କର, ଜଗନ୍ନାଥ ବସ୍ତିଆ, ହେମନ୍ତ ଭୂୟାଁ, ପୂର୍ବତନ ସରପଞ୍ଚ ରମେଶ ଚନ୍ଦ୍ର ନାୟକ, ଆଇନଜୀବୀ ରବିନ୍ଦ୍ର ପଣ୍ଡା, ଭାସ୍କର ବେହେରାଙ୍କ ସମେତ ସମସ୍ତ କର୍ମକର୍ତ୍ତାମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

## ● ବରଧାରୀ ମେଳଣରେ ସମ୍ବର୍ଦ୍ଧନା ସଭା

**ନେମାଳ:** ନିଶ୍ଚିନ୍ତକୋଇଲି ବ୍ଲକ ନେମାଳସ୍ଥିତ ବରଧାରୀଠାରେ ବରଧାରୀ ମେଳଣ ବହୁ ଆଡମ୍ବର ସହ ପାଳନ ହୋଇଯାଇଛି । ପ୍ରଥମେ ଦୋଳ ବିମାନ ମେଳଣ ମଣ୍ଡପରେ ସ୍ଥାପନା କରାଯାଇ ପୂଜାର୍ଚ୍ଚନା କରାଯାଇଥିଲା । ବହୁ ପୁରାତନ ଲୋକକଳା "ପାଲା'କୁ ବହୁ ଉତ୍ସାହର ସହ ଶ୍ରଦ୍ଧାଳୁମାନେ ଦେଖିଥିଲେ । ଏହି ଅବସରରେ ନେମାଳ ଥାନାଧିକାରୀ ଜ୍ୟୋତି ରଞ୍ଜନ ମହାପାତ୍ର ଓ ମହାପୁରୁଷ ଶ୍ରୀ ଅଚ୍ୟୁତାନନ୍ଦଙ୍କ ବରିଷ୍ଠ ସେବାୟତ ଧରଣୀଧର ପୂଝାରୀଙ୍କୁ ବରଧାରୀ ମେଳଣ



କମିଟି ପକ୍ଷରୁ ମାନପତ୍ର ପୁଷ୍ପଗୁଚ୍ଛ, ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସମାଜସେବୀ ନୃସିଂହ ଚରଣ ମୁଦୁଲି, ଅରୁଣ ସିଂ, ରମେଶ ମହାପାତ୍ର, ଆଲୋକ ଦତ୍ତ, କାର୍ତ୍ତିକ ମୁଦୁଲି, ଅମର ବଲ୍ଲଭ ଦାସ, ରମେଶ ବେହେରା, ସାମ୍ବାଦିକ କ୍ଷମାନିଧି ପୂଝାରୀ, ସାମ୍ବାଦିକ ଗୋବିନ୍ଦ ଦାସ, ରବୀନ୍ଦ୍ର ମହାପାତ୍ର, ଶ୍ରୀକାନ୍ତ ମହାପାତ୍ର, ହିମାଂଶୁ ଶେଖର ଦାସ, ବଳଦେବାନନ୍ଦ ଦାସ, ମନୋରଞ୍ଜନ ମହାପାତ୍ର, ରାକେଶ ମୁଦୁଲି, ଅମୀୟ ମହାପାତ୍ର, କୈଳାସ ଚନ୍ଦ୍ର ପୁହାଣ, ଜଗତଜୀବନ ମୁଦୁଲି, ଦୀପୁ ସ୍ୱାଇଁ, ସତ୍ୟ ପ୍ରକାଶ ମୁଦୁଲି ପ୍ରମୁଖ ଉପସ୍ଥିତ ଥିଲେ ।

## ● ସୋହଡ଼ା ମେଳଣ ମହୋତ୍ସବ

**ଟାଙ୍ଗୀ:** ଟାଙ୍ଗୀ ଚୌଦ୍ୱାର ବ୍ଲକ ନପଙ୍ଗ ପଞ୍ଚାୟତ ବିରୋଳ (ତେରୁଆଁ) ସ୍ଥିତ ଶ୍ରୀ ରାଧା ଗୋବିନ୍ଦଜୀଉଙ୍କ ବିଜେସ୍ଥଳୀ ସୋହଡ଼ା ମେଳଣ ଶାନ୍ତିଶୃଙ୍ଖଳାର ସହ ଶୁକ୍ରବାର



ଉଦଯାପିତ ହୋଇଯାଇଛି । କଟକର ଶ୍ରୀ ଗୋପାଳଜୀଉ ଓ ଆଖପାଖ ଅଞ୍ଚଳର ୩୦ଟି ବିମାନକୁ ମିଶାଇ ମୋଟ ୩୧ଟି ବିମାନରେ ରାଧାକୃଷ୍ଣ ମେଳଣ ପଡ଼ିଆକୁ ବିଜେ କରିଥିଲେ । ସୋହଡ଼ା ମହାପୁରୁଷ ଚାରିଟେବୁଲ ଟ୍ରଷ୍ଟ ଆନୁକୂଲ୍ୟରେ ଅନୁଷ୍ଠିତ ମେଳଣରେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା, ବିଜେଡ଼ି ସଂଗଠକ କୃଷ୍ଣଚନ୍ଦ୍ର ଦାସ, ସ୍ଥାନୀୟ ସରପଞ୍ଚ ମମତା ମଲ୍ଲିକ ଓ ସମିତିସଭ୍ୟ ଗୋପାଳ ମଲ୍ଲିକ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ । ଟ୍ରଷ୍ଟର ସଭାପତି ରଞ୍ଜିତ ମହାନ୍ତିଙ୍କ ସମେତ ଅଂଶୁମାନ ମହାନ୍ତି, ସଚ୍ଚିଦାନନ୍ଦ ମହାନ୍ତି, ସୁନୀଲ ମହାନ୍ତି ଓ ରାକେଶ ମହାନ୍ତି ଅତିଥି ଚର୍ଚ୍ଚା ସହ ମେଳଣ ପରିଚାଳନାରେ ସହାୟତା କରିଥିଲେ ।

## ● ଯଶପଡ଼ା ପ୍ରସିଦ୍ଧ ମେଳଣ

**କିଶନନଗର:** କଟକ ସଦର ଯଶପଡ଼ା ପ୍ରସିଦ୍ଧ ଦୋଳ ମେଳଣ ମଙ୍ଗଳବାର ଉଦଯାପିତ ହୋଇଯାଇଛି । ଉକ୍ତ ମେଳଣ ଉତ୍ସବରେ ଏ ଅଞ୍ଚଳରୁ ୧୦ଟି ଦୋଳ ବିମାନ ଯଶପଡ଼ା ହାଟ ପଡ଼ିଆ ଅକ୍ରୁର ପୀଠରେ ହୋଇଥିବା ମେଳଣ ପଡିଆକୁ ଆସିଥିଲେ । ଦୁଇ ଦିନ ଧରି ଚାଲିଥିବା ଦୋଳ ମେଳଣରେ ଶ୍ରୀ ଶ୍ରୀ ନୃସିଂହନାଥ



ଡ୍ରାମାଟିକ କ୍ଲବ ପକ୍ଷରୁ ୨ଟି ନାଟକ 'ଜହ୍ନ ରାଇଜରେ କରିଛି ଘର' ଓ 'କଟି କଟି ଡବଲ କଟି' ପରିବେଷଣ କରାଯାଇଥିଲା । ବରିଷ୍ଠ ନାଟ୍ୟ ନିର୍ଦ୍ଦେଶକ କମଳାକାନ୍ତ ଖୁଣ୍ଟିଆ ନିର୍ଦ୍ଦେଶନା ଦେଇଥିଲେ । ଉଦଘାଟନୀ ଉତ୍ସବରେ ଦିଲ୍ଲୀପ ଦାସଙ୍କ ପୌରହିତ୍ୟରେ ଆୟୋଜିତ ଉଦଘାଟନୀ ଉତ୍ସବରେ ଗ୍ଲୋବାଲ ଇଂଲିଶ ମିଡ଼ିୟମ ସ୍କୁଲର ଚେୟାରମ୍ୟାନ ଡ. ଚୌଧୁରୀ ସତ୍ୟ ପ୍ରକାଶ, ସରପଞ୍ଚ ମିନତୀ ସେଠୀ, ପୂର୍ବତନ ସରପଞ୍ଚ ସୁବାଷ ମହାନ୍ତି ଯୋଗଦେଇ ଉଦଘାଟନ କରିଥିଲେ । ଉଦଯାପନୀ ଦିବସରେ ପୂର୍ବତନ ସରପଞ୍ଚ ବିରଞ୍ଚି ନାରାୟଣ ପଣ୍ଡାଙ୍କ ପୌରହିତ୍ୟରେ ଆୟୋଜିତ ସଭାରେ ମୁଖ୍ୟଅତିଥି କଟକ ସଦର ବିଧାୟକ ଇଂ ପ୍ରକାଶ ଚନ୍ଦ୍ର ସେଠୀ ଯୋଗଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ଭଗ୍ୟଲକ୍ଷ୍ମୀ ରାଉତ, ସରୋଜ ସୁମନ ଦାସ, ଅଶୋକ ପଟ୍ଟନାୟକ, କମଳାକାନ୍ତ ଖୁଣ୍ଟିଆ ଅତିଥିଭାବେ ଯୋଗଦେଇଥିଲେ । ରବୀନ୍ଦ୍ର ବେହେରା, ମାନସ ରଞ୍ଜନ ବେହେରା, ରଞ୍ଜନ ଭୂୟାଁ, ବିଭୁଦତ୍ତ ରାଉତରାୟ, ଅର୍ଣ୍ଣବ ପରିଡ଼ା, ତପନ ଭୂୟାଁ, ହରିଶ୍ଚନ୍ଦ୍ର ବାରିକ ପ୍ରମୁଖ ଗ୍ରାମବାସୀ ସହଯୋଗ କରିଥିଲେ ।

## ● ପ୍ରସିଦ୍ଧ ବରଧାରୀ ମେଳଣରେ ୬୫ ବିମାନ

**ନିଶ୍ଚିନ୍ତକୋଇଲି:** ନିଶ୍ଚିନ୍ତକୋଇଲି ବ୍ଲକ ବଡକ୍ଷୀର ପଞ୍ଚାୟତର ପ୍ରସିଦ୍ଧ ବରଧାରୀ ମା' ବିଂଶଭୂଜା ପୀଠସ୍ଥଳରେ ପବିତ୍ର ଦୋଳ ପୂର୍ଣ୍ଣିମା ଅବସରରେ ଶୃଙ୍ଖଳିତ ଭାବେ ଶେଷ ହୋଇଛି ବରଧାରୀ ମେଳଣ । ଏହି ମେଳଣରେ ଧଳପଡାର ଗୋପୀନାଥଜୀଉ ଗାଦିଶ୍ୱର ଭାବେ ଅଧିଷ୍ଠିତ ହେବା ପରେ ବିଭିନ୍ନ ଅଞ୍ଚଳରୁ ୬୫ଟି ଦେବାଦେବୀଙ୍କ ଚଳନ୍ତି ପ୍ରତିମା ବିମାନ ଯୋଗେ ପଟୁଆରରେ ଆସି ମେଳଣ ମଣ୍ଡପରେ ଅଧିଷ୍ଠିତ ହୋଇଥିଲେ । ପାରମ୍ପରିକ ରୀତିନୀତି ଅନୁଯାୟୀ ସମସ୍ତ ବିମାନ ଗୁଡିକର ମାଲିକ ଓ ମାର୍ଫତଦାରଙ୍କୁ ନେଇ ଏକ ଦେବ ସଭାର ଆୟୋଜନ କରାଯାଇଥିଲା । ମହନ୍ତ ଅନନ୍ତରାମ ଦାସ, ସନ୍ତୋଷ ସ୍ୱାଇଁ ଏବଂ ଜ୍ୟୋତି ରଞ୍ଜନ ସ୍ୱାଇଁଙ୍କ ତତ୍ତ୍ୱବଧାନରେ ମେଳଣର ବିଭିନ୍ନ ଧାରା ଏବଂ ଦେବନୀତି ସଂକ୍ରାନ୍ତରେ ଆଲୋଚନା କରାଯାଇ ଆଳତୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପୂଜକଙ୍କ ଦ୍ୱାରା ପ୍ରତ୍ୟେକ ଗାଦିରେ ଥିବା ଦେବାଦେବୀଙ୍କୁ ପୂଜାର୍ଚ୍ଚନା ସହ ନୂତନ ବସ୍ତ୍ର ଓ ମାଟିହାଣ୍ଡି ଭୋଗ ଅର୍ପଣ କରାଯାଇଥିଲା । ମେଳଣ ଶେଷରେ ସମସ୍ତ ଗାଦି ଗୁଡିକ ଗାଦିଶ୍ୱରଙ୍କୁ ସାକ୍ଷାତ୍ କରି ନିଜ ନିଜ ଅଞ୍ଚଳକୁ ଫେରିଥିଲେ । ଚଳିତ ବର୍ଷ ହଜାର ହଜାର ସଂଖ୍ୟାରେ ଭକ୍ତମାନେ ଯୋଗଦେଇ ପାରମ୍ପରିକ ଭାଇଚାରା ଭାବ ଅକ୍ଷୁର୍ଣ୍ଣ ରଖିବା ପାଇଁ ଅବିରରେ ହୋଲିଖେଳିଥିଲେ । ମେଳଣର ଶୃଙ୍ଖଳା ରକ୍ଷା କରିବା ପାଇଁ ଏକ ଶାନ୍ତି କମିଟି ଗଠନ କରାଯାଇଥିଲା । ଏହି କମିଟିର ସଭାପତି ନିବାସ ଚନ୍ଦ୍ର ସ୍ୱାଇଁଙ୍କ ନେତୃତ୍ୱରେ ନରେନ୍ଦ୍ରନାଥ ସାହୁ, ପ୍ରତାପ କୁମାର ସିଂ, ପ୍ରଗତୀ ଚାନ୍ଦ, ରାମଚନ୍ଦ୍ର ସାହୁ, ଜୟଦେବ ସାହୁ, ପ୍ରଫୁଲ୍ଲ ସାହୁ, ମନୋଜ ସ୍ୱାଇଁ, ଗୁରୁଚରଣ ମଲିକ, ବିନୋଦ ସାମଲ, ବାବୁଲି ସାହୁଙ୍କ ସମେତ ବହୁ ସ୍ୱେଚ୍ଛାସେବୀ ଓ ନିଶ୍ଚିନ୍ତକୋଇଲି ଥାନା ପୁଲିସ ପକ୍ଷରୁ ଶୃଙ୍ଖଳା ରକ୍ଷା କରାଯାଇଥିଲା ।



## ● ସାଲେପୁରର ବିଭିନ୍ନ ସ୍ଥାନରେ ହୋଲି ଉତ୍ସବ

**ସାଲେପୁର:** ସାଲେପୁର ଅଞ୍ଚଳରେ ରଙ୍ଗର ପର୍ବ ହୋଲି ମହା ଆଡମ୍ବରରେ ପାଳିତ ହୋଇଯାଇଛି । ଏହି ଅବସରରେ ସାଲେପୁର ଅଞ୍ଚଳର ବିଭିନ୍ନ ସ୍ଥାନରେ ହୋଲି ପର୍ବକୁ ଆବଳ ବୃଦ୍ଧବନୀତା ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସବୁ ବର୍ଗର ଲୋକେ ରଙ୍ଗର ପର୍ବ ହୋଲିକୁ ମହାଆଡମ୍ବରରେ ପାଳନ କରିଛନ୍ତି । ଏହି ଅବସରରେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ଶିଶୁଆ ଡାକବଙ୍ଗଳାଠାରେ ହୋଲିପର୍ବ ପାଳନ କରିଥିବାବେଳେ ତାଙ୍କର ବହୁ ସମର୍ଥକ, ସାମ୍ବାଦିକ ଓ ପ୍ରଶାସନିକ ଅଧିକାରୀମାନେ ସେଠାରେ ପହଞ୍ଚି ତାଙ୍କୁ ହୋଲିର ଶୁଭେଚ୍ଛା ଜଣାଇଛନ୍ତି । ସେହିପରି ସାଲେପୁର ବିଜେପି ନେତା ଅରିନ୍ଦମ ରାୟ ସାଲେପୁର ଶିଶୁମନ୍ଦିର ରୋଡରେ ଥିବା ବିଜେପି କାର୍ଯ୍ୟାଳୟରେ ହୋଲି ଉତ୍ସବ ମହାଆଡମ୍ବରରେ ପାଳନ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ଚିତ୍ତରଞ୍ଜନ ଶତପଥି, ସତ୍ୟଶିବସୁନ୍ଦର କର, ମୁନା ଜେନା, କଟରପାର ନାରିନେତ୍ରୀ ପୂର୍ଣ୍ଣିମା ମିଶ୍ରଙ୍କ ସମେତ ବହୁ ଦଳୀୟ କର୍ମୀ, ପ୍ରଶାସନିକ ଅଧିକାରୀ, ସାମ୍ବାଦିକମାନେ ଶ୍ରୀ ରାୟଙ୍କୁ ଭେଟି ହୋଲି ଉତ୍ସବ ପାଳନ କରିଥିଲେ । ସେହିପରି ସାଲେପୁର ଆଞ୍ଚଳିକ ସାମ୍ବାଦିକ ସଂଘ ପକ୍ଷରୁ ସଂଘ କାର୍ଯ୍ୟାଳୟରେ ହୋଲି ଉତ୍ସବ ପାଳିତ ହୋଇଯାଇଛି । ଏଥିରେ ସଂଘର



ସଭାପତି ଅକ୍ଷୟ ଦାଶ, ସଂପାଦକ ହୃଷିକେଶ ମଲ୍ଲିକ, ଉପସଭାପତି ଦୀପକ ଦାସ, ସହସଂପାଦକ ଅରବିନ୍ଦ ଭୂୟାଁ, ସାମ୍ବାଦିକ ହେମନ୍ତ ଭୂୟାଁ, କେଦାର ନାୟକ, ସୁଜିତ ଭୂୟାଁ, ତାରାକାନ୍ତ ନାୟକ, ଯଜ୍ଞେଶ୍ୱର ବିଶ୍ୱାଳ, ଅନନ୍ତ ଚରଣ ଦାଶ, ରଘୁନାଥ ପାତ୍ର, ମହେଶ୍ୱର ବେହେରା, କୃଷ୍ଣଚନ୍ଦ୍ର ଦାଶ, ମନୋଜ ମହାନ୍ତିଙ୍କ ସମେତ ବହୁ ସାମ୍ବାଦିକମାନେ ଉପସ୍ଥିତ ରହି ହୋଲି ପର୍ବକୁ ମହାଆଡମ୍ବରରେ ପାଳନ କରିଥିଲେ । ସେହିପରି ସାଲେପୁର ସହର ସମେତ ଗ୍ରାମାଞ୍ଚଳରେ ହୋଲି ଉତ୍ସବ ଶାନ୍ତିଶୃଙ୍ଖଳାର ସହ ପାଳିତ ହୋଇଥିଲା ।

# ସାହିତ୍ୟ ଚେତନାର ଚତୁର୍ଥ ସଂସ୍କରଣ ଲୋକାର୍ପିତ



**ନିଶ୍ଚିନ୍ତକୋଇଲି, ୬ ।୩ (ସମିସ):** ସଚେତନ ସାହିତ୍ୟ ସଂସଦର ମୁଖପତ୍ର 'ସାହିତ୍ୟ ଚେତନା' ର ଚତୁର୍ଥ ସଂସ୍କରଣ ନିଶ୍ଚିନ୍ତକୋଇଲିସ୍ଥିତ ସାରସ୍ୱତ ଭବନ ପରିସରରେ ସମାରୋହରେ ଲୋକାର୍ପିତ ହୋଇଛି । ପ୍ରାକ୍ତନ ଅଧ୍ୟକ୍ଷ ବିରୁପାକ୍ଷ ରାୟଙ୍କ ସଭାପତିତ୍ୱରେ ଏଥିରେ ମୁଖ୍ୟଅତିଥି ଭାବେ ପତ୍ରିକାର ମୁଖ୍ୟ ସଂପାଦକ ବରିଷ୍ଠ ସାରସ୍ୱତ ସାଧକ ଶାରଦା ପ୍ରସାଦ ମିଶ୍ର ଯୋଗଦେଇ ସାହିତ୍ୟ ହେଉଛି ସମାଜର ପ୍ରକୃତ ଦର୍ପଣ ସଦୃଶ ବୋଲି ଅବିହିତ କରିଥିଲେ । ଏଥିରେ ସମ୍ମାନୀତ ଅତିଥି ଭାବେ ପୂର୍ବତନ ସରପଞ୍ଚ କ୍ଷୀରୋଦ ପଣ୍ଡା, କବି ରାମଚନ୍ଦ୍ର ସାହୁ, ଶିକ୍ଷାବିତ୍ ଶରତ ଚନ୍ଦ୍ର ରାଉତ, କବି ପ୍ରଫୁଲ୍ଲ ସିଂ, ସନ୍ତୋଷ ସ୍ୱାଇଁ, ମନୋରଞ୍ଜନ ତ୍ରିପାଠୀ, ଶ୍ରୀଧର ମହାନ୍ତି, ଯୁବକବି କ୍ଷୀରୋଦ ଦାସ ପ୍ରମୁଖ ଯୋଗଦେଇ ସାମାଜିକ ଜୀବନରେ ସାହିତ୍ୟର ଆବଶ୍ୟକତା ସଂକ୍ରାନ୍ତରେ ଆଲୋଚନା କରିବା ସହିତ ସ୍ୱରଚିତ ବିଭିନ୍ନ କବିତାପାଠ କରିଥିଲେ । ସଂପାଦକ ଡ. ଅଭୟ ରାଉତ ସ୍ୱାଗତ ଭାଷଣ ଏବଂ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲା ବେଳେ ଦୁର୍ଗା ପ୍ରସାଦ ରାୟ ମଞ୍ଚ ପରିଚାଳନା କରିଥିଲେ । ଶେଷରେ ସ୍ତମ୍ଭକାର ପ୍ରମୋଦ ନାୟକ ଧନ୍ୟବାଦ ଦେଇଥିଲେ ।

# ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ

**ତିଗିରିଆ, ୬ ।୩ (ସମିସ):** ତିଗିରିଆ ବ୍ଲକ ପୁରୁଣା ତିଗିରିଆ ପଞ୍ଚାୟତ ଅନ୍ତର୍ଗତ ପାଇକିଆଁରା ଗ୍ରାମର ଆରାଧ୍ୟ ଠାକୁରାଣୀ ମା' ବଡ ରାଉଳାଣୀଙ୍କ ପୀଠରେ ୫ ଦିନ ବ୍ୟାପୀ ଚାଲିଥିବା ବିଶ୍ୱଶାନ୍ତି ମହାଯଜ୍ଞ ରବିବାର ଉଦଯାପିତ ହୋଇଯାଇଛି । ବେଦଜ୍ଞ ପଣ୍ଡିତ ବ୍ରଜବନ୍ଧୁ ତ୍ରିପାଠୀ ଓ ସହଯୋଗୀଙ୍କ ସହଯୋଗରେ ୨୮ ରୁ ଅଙ୍କୁରାରୋପଣ ନୀତି, ଅଗ୍ନି ସଂସ୍ଥାପନ ଏବଂ ବ୍ରତଧାରୀମାନଙ୍କୁ ନେଇ କଳସ ଶୋଭାଯାତ୍ରା ହୋଇଥିଲା । ପ୍ରତିବର୍ଷ ମହାଯଜ୍ଞ ୪ ଦିନ ଧରି ଚାଲିଥାଏ କିନ୍ତୁ ଚଳିତ ବର୍ଷ ପୂର୍ଣ୍ଣିମା ଦିନ ଗ୍ରହଣ ଲାଗିବାରୁ ମହାଯଜ୍ଞକୁ ଗୋଟିଏ ଦିନ ବଢାଇ ଦିଆଯାଇଥିଲା । ପ୍ରତେକ ଦିନ ମା'ଙ୍କ ପୀଠରେ ଭାଗବତ, ନାମ ସଂକୀର୍ତ୍ତନ ଓ ରାମଲୀଳା ଅନୁଷ୍ଠିତ ହେଉଥିଲା । ପୂର୍ଣ୍ଣାହୁତି ସମୟରେ ମା'ଙ୍କ ପୀଠ ଶ୍ରଦ୍ଧାଳୁ ଓ ବ୍ରତଧାରୀମାନଙ୍କ ହରିବୋଲ ହୁଳହୁଳି ସହ ଖୋଳ କରତାଳ ଧ୍ୱନିରେ ପ୍ରକମ୍ପିତ ହୋଇ ଉଠିଥିଲା । ପାଇକିଆଁରା ଗ୍ରାମ୍ୟ କମିଟି ସଭାପତି ପରେଶ ନାୟକ,



ଉପସଭାପତି ଦିବାକର ପ୍ରଧାନ, ସହସମ୍ପାଦକ ରଶ୍ମିରଞ୍ଜନ ନାୟକ, ହୃଦାନନ୍ଦ ରାଉତ, ମୀନକେତନ ରାଉତ, ମନ୍ଦରଧର ନାୟକଙ୍କ ସମେତ ଗ୍ରାମବାସୀଙ୍କ ସହଯୋଗରେ ଯଜ୍ଞ କାର୍ଯ୍ୟ ସମାପନ ହୋଇଥିଲା

# ବରିଷ୍ଠ ନାଗରିକ ସଂଘର ବନ୍ଧୁମିଳନ



**ଚୌଦ୍ୱାର, ୬ ।୩ (ସମିସ):** ଚୌଦ୍ୱାର ପୌରପାଳିକା ୧୭ ନମ୍ବର ୱାର୍ଡ୍ ଅଧୀନ ନୂଆସାହିସ୍ଥିତ ବରିଷ୍ଠ ନାଗରିକ ସଂଘର ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ସଂଘ ସଭାପତି ଆଦିକନ୍ଦ ବିହାରୀଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସଂଘର ସଦସ୍ୟମାନେ ଯୋଗଦେଇ ପରସ୍ପର ମଧ୍ୟରେ ଭାବର ଆଦାନ ପ୍ରଦାନ କରିବା ସହିତ ପରିଣତ ବୟସର ଅନୁଭୂତି ଓ ସମସ୍ୟା ଉପରେ ମତାମତ ରଖିଥିଲେ । ସ୍ଥାନୀୟ କାଉନସିଲର ଆଶୁତୋଷ ଦାସ ଏଥିରେ ଅତିଥିଭାବେ ଯୋଗଦେଇ ବରିଷ୍ଠଙ୍କ ସମସ୍ୟା ସମାଧାନ ଦିଗରେ ପଦକ୍ଷେପ ନେବା ପାଇଁ ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଏହି ଅବସରରେ ହୋଲି ମେଳଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସୁରେନ୍ଦ୍ର ବାରିକ, ପ୍ରଭାକର ନାୟକ, ଜଗତ ପରିଜା, ବିବେକାନନ୍ଦ ଛୋଟରାୟ, ଶିବ ପ୍ରସାଦ ପତି, ରଘୁନାଥ ସ୍ୱାଇଁ, ଏନ୍‌ସି ପଢିହାରୀ, ରାଜେନ୍ଦ୍ର କର, ଅଶୋକ ନାୟକ, ପ୍ରଫୁଲ୍ଲ ସାହୁ, ବୈକୁଣ୍ଠ ବିହାରୀ ତାରେଣିଆ, ନିକୁଞ୍ଜ ବିହାରୀ ପଣ୍ଡା, ଦୁଃଶାସନ ମୁଦୁଲି, ହୃଦାନନ୍ଦ ସେଠୀ ପ୍ରମୁଖ ବରିଷ୍ଠ ନାଗରିକ ଏଥିରେ ଯୋଗଦେଇଥିଲେ ।

# କ୍ରୀଡ଼ା ଶିକ୍ଷକ ଓସିଏ ଅମ୍ପାୟାର ମନୋନୀତ



**ତିଗିରିଆ, ୬ ।୩ (ସମିସ):** ତିଗିରିଆ ବ୍ଲକ ସୋମପଡା ପଞ୍ଚାୟତ ଅଧୀନ ମହୁଲଡ଼ିପ ଗ୍ରାମର ବାସିନ୍ଦା ତଥା ଯୋରନ୍ଦା ମାଧବ ସାମନ୍ତସିଂହାର ବିଦ୍ୟାପୀଠର କ୍ରୀଡା ଶିକ୍ଷକ ସୁରେଶ୍ୱର ପ୍ରଧାନ ଓଡ଼ିଶା କ୍ରିକେଟ ଆସୋସିଏସନ (ଓସିଏ) ଦ୍ୱାରା ଆୟୋଜିତ ଅମ୍ପାୟାର ଚୟନ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ତିଗିରିଆ ଅଞ୍ଚଳ ପାଇଁ ଗୌରବ ଅର୍ଜନ କରିଛନ୍ତି ।

ରାଜ୍ୟର ବିଭିନ୍ନ ଜିଲ୍ଲାରୁ ପ୍ରାୟ ୧୫୦ ଜଣ ଆଶାୟୀ ଏହି ପରୀକ୍ଷାରେ ଅଂଶଗ୍ରହଣ କରିଥିଲେ । ଶ୍ରୀ ପ୍ରଧାନ ପିଲାଟି ଦିନରୁ ଜଣେ କ୍ରୀଡ଼ାବିତ ଭାବେ ଓ ପରେ ବିଭିନ୍ନ ଜିଲ୍ଲାସ୍ତରୀୟ, ରାଜ୍ୟସ୍ତରୀୟ କ୍ରିକେଟ ପ୍ରତିଯୋଗିତାରେ ଅମ୍ପାୟାର ଭାବେ ଦକ୍ଷତାର ସହ ନିଜ କାର୍ଯ୍ୟ ସମ୍ପାଦନ କରିଛନ୍ତି । ତାଙ୍କର ଏହି ସଫଳତା ପାଇଁ ତାଙ୍କୁ ନିଜ ବିଦ୍ୟାଳୟ ସହ ବିଭିନ୍ନ ମହଲରୁ ଶୁଭେଚ୍ଛା ପ୍ରଦାନ କରାଯାଇଛି ।

# ସ୍ଥିତିବାନ ସମ୍ପତ୍ତିରେ ରାସ୍ତା ନିର୍ମାଣ

**ଶୁଣିଲାନି ପୁଲିସ, ଜିଲ୍ଲାପାଳଙ୍କୁ ଅଭିଯୋଗ**

**ନିଶ୍ଚିନ୍ତକୋଇଲି, ୬ ।୩ (ସମିସ):** ନିଶ୍ଚିନ୍ତକୋଇଲି ଗ୍ରାମ ଉନ୍ନୟନ ବିଭାଗ ପକ୍ଷରୁ ପ୍ରଧାନମନ୍ତ୍ରୀ ସଡକ ଯୋଜନାରେ ନିର୍ମାଣ କରାଯାଉଥିବା ଏକ ରାସ୍ତାରେ ନତକାଇ ଗ୍ରାମର ପ୍ରଶାନ୍ତ କୁମାର ବିଶ୍ୱାଳଙ୍କ ସ୍ଥିତିବାନ ସମ୍ପତ୍ତିକୁ ଜବରଦଖଲ କରାଯାଉଥିବା ନେଇ ସେ ଅଭିଯୋଗ କରିଛନ୍ତି । ପ୍ରଥମେ ଏହି ରାସ୍ତା ପାର୍ଶ୍ୱରେ ଥିବା ତାଙ୍କ ପୈତୃକ ଜମିରୁ କେତେକ ଦୁର୍ବୃତ୍ତ ଗଛ କାଟିବାକୁ ନେଇ ସେ ନିଶ୍ଚିନ୍ତକୋଇଲି ଥାନା, ସାଲେପୁର ଏସ୍‌ଡିପିଓ ଓ ପରବର୍ତ୍ତୀ ସମୟରେ କଟକ ଗ୍ରାମାଞ୍ଚଳ ଏସପିଙ୍କ ନିକଟରେ ଅଭିଯୋଗ କରିଥିଲେ । ପୁଲିସ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରା ନ ଯିବାରୁ ଠିକାଦାର ଜଣକ ଜେସିବି ଦ୍ୱାରା କଟାଯାଇଥିବା ଗଛର ମୂଳକ ତାଡୁଥିଲେ । ଏହି ସମୟରେ ଶ୍ରୀ ବିଶ୍ୱାଳ ବିରୋଧ କରି ଜେସିବିକୁ ଅଟକାଇଥିଲେ । ପରବର୍ତ୍ତୀ ସମୟରେ ପୁଲିସ ପକ୍ଷରୁ ଏହି ଜେସିବି ମେସିନକୁ ଥାନାକୁ ଅଣାଯାଇ ଛାଡି ଦିଆଯାଇଥିବା ନେଇ ସେ ଅଭିଯୋଗ କରିଛନ୍ତି । ଠିକାଦାର କରିଥିବା ଏଭଳି ବେଆଇନ କାର୍ଯ୍ୟ ପାଇଁ ପୁଲିସ ପକ୍ଷରୁ କୌଣସି ପଦକ୍ଷେପ ନିଆ ନ ଯାଇ ଓଲଟି ତାଙ୍କ ଜେସିବି ମେସିନକୁ ଛାଡି ଦିଆଯିବାରୁ ସେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି । ଅଭିଯୋଗକାରୀ ପ୍ରଶାନ୍ତ ବିଶ୍ୱାଳଙ୍କ ଅଭିଯୋଗକୁ ପୁଲିସ ନ ଶୁଣିବାରୁ ସେ ଉପଯୁକ୍ତ ନ୍ୟାୟ ପାଇବା ପାଇଁ ଏ ସଂକ୍ରାନ୍ତରେ କଟକ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି । ଠିକାଦାର ଏବଂ ଆରଡି ବିଭାଗ କିଭଳି ମନମୁଖୀ ଭାବେ ସମ୍ପତ୍ତିର ମାଲିକଙ୍କୁ ନ ଜଣାଇ ଏଭଳି ବେଆଇନ ଭାବେ ଜମିକୁ ଜବରଦଖଲ କରି ଫଳନ୍ତି ଗଛକୁ କାଟି ନଷ୍ଟ କରିବା ସହିତ ଜମିରେ ରାସ୍ତା ନିର୍ମାଣ କରୁଛନ୍ତି ସେ ନେଇ ତଦନ୍ତ କରି ଜବରଦଖଲକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ତାଙ୍କୁ ନ୍ୟାୟ ପ୍ରଦାନ କରିବାକୁ ସେ ଦାବି କରିଛନ୍ତି ।

# ଯାଦବ ସଂଘ କାର୍ଯ୍ୟକର୍ତ୍ତାଙ୍କୁ ସମ୍ବର୍ଦ୍ଧନା



**ଭଦ୍ରେଶ୍ୱର, ୬ ।୩ (ସମିସ):** ପବିତ୍ର ଦୋଳ ପର୍ବ ଅବସରରେ ମାହାଙ୍ଗା ବ୍ଲକ ଏରକଣା ଠାରେ କଟକ ଜିଲ୍ଲା ଯାଦବ ଉନ୍ନୟନ ପରିଷଦର କାର୍ଯ୍ୟକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ଏହି ଅବସରରେ କାର୍ଯ୍ୟକର୍ତ୍ତାମାନେ ପ୍ରଭୁ ରାଧାବଲ୍ଲଭଙ୍କୁ ଦର୍ଶନ କରିଥିଲେ । ଅନୁଷ୍ଠାନର ସାଂସ୍କୃତିକ ସମ୍ପାଦକ କବି ଡମ୍ବରୁଧର ପରିଡା ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ଉଗାଳ ପାଠ କରିଥିଲେ । ଅଲେଖ ଚନ୍ଦ୍ର ଦାସ ବିଭିନ୍ନ ପ୍ରକାର ଯାଦୁ ପ୍ରଦର୍ଶନ କରିଥିଲେ । ଏହି ଅବସରରେ ଅନୁଷ୍ଠିତ ଉତ୍ସବରେ ଅନୁଷ୍ଠାନର ସଭାପତି ପ୍ରଫେସର କାର୍ତ୍ତିକ ଚନ୍ଦ୍ର ପୃଷ୍ଟି ସଭାପତିତ୍ୱ କରିଥିଲେ । ଅନୁଷ୍ଠାନର ଉପଦେଷ୍ଟା କୃଷ୍ଣଚନ୍ଦ୍ର ଦାସ, ସମ୍ପାଦକ ଅନନ୍ତ ପଲେଇ, ରାମଚନ୍ଦ୍ର ପଲେଇ, ଗୌରାଙ୍ଗ ଚରଣ ଦାସ, ଉପଦେଷ୍ଟା ବଲ୍ଲଭ ଚରଣ ପଲେଇ, ରବି ଦାସ ଓ ଗୋପାଳ ବେହେରା ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ ଯୋଗଦାନ କରି ଦୋଳ ପର୍ବ ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ ଗଭୀର ଭାବେ ଆଲୋକପାତ କରିଥିଲେ । ଏହି ଅବସରରେ ଉପସ୍ଥିତ ଯାଦବ ନେତା ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଶେଷରେ ସମ୍ବାଦିକ ଶ୍ୟାମସୁନ୍ଦର ପଲେଇ ଧନ୍ୟବାଦ ଦେଇଥିଲେ ।

